Postal Reg. No.GDP-40/2017-2019

بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡد

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 2

ସଂଖ୍ୟା 35

ବାର୍ଷିକ ଦେୟ: ୩୦୦/-

ସାପ୍ତାହିକ ବଦର୍ କାଦିଆନ

The Weekly BADAR Qadian ODIA

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

ଗୁରୁବାର 31 ଅଗଷ୍ଟ 2017 31 ଜହୁର୍ 1396 ହି.ଶ 08 ଜିଲ୍‌ହଜା 1438 ହି.କ

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ] କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ଓ୍ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍‌ରିହି ୱ ଅମ୍‌ରିହି ॥

# ଡ଼େପୁଟି ଅବ୍‌ଦୁଲ୍ଲାଃ ଆଥମ୍‌ଙ୍କ ବାବଦରେ ପେଶ୍‌ଗୋଇ(ଭବିଷ୍ୟବାଣୀ) ଅତି ସ୍ୱଷ୍ଟର ସହିତ ସମ୍ପୂର୍ଣ୍ଣ ହେଲା । ଏପରି ହୃଦୟ ଉପରେ ଖୁଦାଙ୍କ ଲାନତ୍(ଅଭିଶାପ) ହୁଏ କି ଯିଏ ଏଭଳି ସ୍ୱଷ୍ଟ ନିଦର୍ଶନ ଗୁଡିକ ଉପରେ ଆରୋପ ଲଗାଇବାରେ ନିବୃତ ରହେ ନାହିଁ ।

## ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

(୨୩)- ୨୩ ତମ ନିଦର୍ଶନ :- ଡ଼େପୁଟି ଅବ୍‌ଦୁଲ୍ଲାଃ ଆଥମ୍‌ଙ୍କ ବାବଦରେ ଯେଉଁ ଭବିଷ୍ୟବାଣୀ ଥିଲା ତାହା ବହୁତ ସ୍ୱଚ୍ଛତାର ସହ ପୁରଣ ହୋଇଅଛି ଏବଂ ବାସ୍ତବରେ ଦୁଇଟି ଭବିଷ୍ୟବାଣୀ ଥିଲା । ପ୍ରଥମଟି ହେଉଛି ଯେ ପନ୍ଦର ମାସ ଭିତରେ ମରିଯିବ, ଦ୍ୱିତୀୟରେ ଯଦି ସେ ନିଜ କଥନରୁ ନିବୃତ ରହିବ ଯାହା ସେ ପ୍ରକାଶିତ କରିଛି ଯେ ନଉଜୁବିଲ୍ଲାଃ ଆଁ ହଜ୍‌ରତ୍ ସ:ଆ:ସ ଦଜ୍ଜାଲ୍ ଥିଲେ ତେବେ ସେ ପନ୍ଦର* ମାସ ଭିତରେ ମରିବ ନାହିଁ । ଯେପରି ମୁଁ ଲେଖିସାରିଛି ମୃତ୍ୟୁର ଭବିଷ୍ୟବାଣୀ ଏଥିଯୋଗୁଁ ଥିଲା ଆଥମ୍ ନିଜର ଗୋଟିଏ ପୁସ୍ତକ ଯାହାର ନାମ ଅନ୍ଦରୁନା ବାଇବେଲ୍ ଥିଲା, ସେଥିରେ ଆମ ନବୀ ସ:ଆ:ସଙ୍କୁ ଦଜ୍ଜାଲ କହିଥିଲା । ଏହା ସତ୍ୟ ଅଟେ ଯେ ଭବିଷ୍ୟବାଣୀରେ ଆଥମ୍‌ର ମୃତ୍ୟୁ ପାଇଁ ପନ୍ଦର ମାସର ଅବଧି ଥିଲା । କିନ୍ତୁ ତତ୍ ସହିତ ଏହା ସର୍ତ୍ତ ଥିଲା, ଯାହାର ଶବ୍ଦ ଏପରି ଥିଲା ''ସର୍ତ୍ତ ଏହା ଯେ ସତ୍ୟ ଆଡ଼କୁ ନ ଫେରେ'' । କିନ୍ତୁ ଆଥମ୍ ସେହି ସଭାରେ (ନିଜ କଥନୁର) ଫେରି ଯାଇଥିଲା ଓ ଅତ୍ୟନ୍ତ ବିନୟତାର ସହ ଜିଭ କାମୁଡ଼ି ଦୁଇକାନକୁ ଧରି ଦଜ୍ଜାଲ୍ କହିବା ଯୋଗୁଁ ନିଜର ଗ୍ଲାନି ପ୍ରକାଶ କରିଥିଲା । ଏହି କଥାର ସାକ୍ଷୀ ଜଣେ ଦୁଇଜଣ ନୁହେଁ ବରଂ ଷାଠିଏ ବା ସତୁରି ଲୋକ ଅଟନ୍ତି । ସେମାନଙ୍କ ମଧ୍ୟରୁ ଅଧେ ଖ୍ରୀଷ୍ଟିଆନ୍ ଓ ପାଖାପାଖି ଅଧେ ମୁସଲ୍‌ମାନ ଅଟନ୍ତି । ମୁଁ ଭାବୁଛି ଯେ ସେମାନଙ୍କ ମଧ୍ୟରୁ ୫୦ ଜଣ ଲୋକ ଏପର୍ଯ୍ୟନ୍ତ ଜୀବିତ ଥିବେ, ଯେଉଁମାନଙ୍କ ସମ୍ମୁଖରେ ଆଥମ୍ ଦଜ୍ଜାଲ୍ କହିବା ପାଇଁ ପଶ୍ଚାତାପ କରିଥିଲା ଓ ପୁଣି ମରିବା ସମୟ ପର୍ଯ୍ୟନ୍ତ ଏପରି ଶବ୍ଦ ମୁହଁରେ ଧରିନଥିଲା । ଏବେ ଚିନ୍ତା କରିବା ଉଚିତ୍ ଯେ କିପରି ବଜ୍ଜାତି, ବଦମାସି ଓ ବେଇମାନି ଅଟେ ଯେ ସେ ଖୋଲାଖୋଲି ଭାବେ ରୋଜୁ (ନିଜ କଥାକୁ ଫେରାଇନେପା) ସତ୍ତ୍ୱେ ଯାହା ଆଥମ୍ ଷାଠିଏ ବା ସତୁରୀ ଲୋକଙ୍କ ସମ୍ମୁଖରେ କରିଛି, ପୁଣି କୁହାଯାଏ ଯେ ସେ ରୁଜୁ କରିନାହିଁ ବୋଲି । ଅଲ୍ଲାଃଙ୍କ କୋପର ସମସ୍ତ ଆଧାର ଦଜ୍ଜାଲ୍ ଶବ୍ଦ ଉପରେ ନିହିତ ଥିଲା । ସେହି କାରଣ ନିମନ୍ତେ ପେଶ୍‌ଗୋଇ ଥିଲା ଏବଂ ସେହି ଶବ୍ଦରୁ ନିବୃତ ରହିବା ସର୍ତ୍ତ ଥିଲା । ମୁସଲମାନ ହେବା ପାଇଁ ପେଶ୍‌ଗୋଇରେ କିଛି କୁହାଯାଇନାହିଁ । ସୁତରାଂ ଯେବେ ସେ ଅତ୍ୟନ୍ତ ବିନମ୍ରତାର ସହ ରୁଜୁ ଅର୍ଥାତ୍ ନିଜ ଶବ୍ଦରୁ ଫେରିଗଲା ତେବେ ଖୁଦା ମଧ୍ୟ କରୁଣାର ସହ ପ୍ରତ୍ୟାବର୍ତ୍ତନ କଲା । ଐଶ୍ୱରୀକ ବାଣୀର ଏହା ଉଦ୍ଦେଶ୍ୟ ନଥିଲା ଯେ, ଯେ ପର୍ଯ୍ୟନ୍ତ ଆଥମ୍ ଇସ୍‌ଲାମ୍ ଗ୍ରହଣ ନକରିବ ବିନାଶରୁ ବର୍ତ୍ତିପାରିବ ନାହିଁ ବୋଲି । କାରଣ ଇସ୍‌ଲାମ୍‌କୁ ଅସ୍ୱୀକାର କରିବାରେ ସବୁ ଇସାଇ ସାମିଲ୍ ଅଛନ୍ତି । ଖୁଦା ଇସ୍‌ଲାମ୍ ଗ୍ରହଣ କରିବା ପାଇଁ କାହା ଉପରେ ବାଧ କରେ ନାହିଁ । ତେଣୁ ଏପରି ଭବିଷ୍ୟବାଣୀ ବୁଦ୍ଧି ସଙ୍ଗତ ନୁହେଁ ଯେ ଅମୁକ ବ୍ୟକ୍ତି ଯଦି ଇସ୍‌ଲାମ୍ ଗ୍ରହଣ ନ କରିଛି ତେବେ ଏତେଦିନ ଭିତରେ ମରିଯିବ । ଦୁନିଆରେ ଏପରି ଲୋକ ଭରିପଡ଼ିଛନ୍ତି ଯେଉଁମାନେ ଇସ୍‌ଲାମ୍‌କୁ ଅସ୍ୱୀକାର କରୁଛନ୍ତି । ଯେପରିକି ମୁଁ ବାରମ୍ବାର ଲେଖିସାରିଛି କେବଳ ଇସ୍‌ଲାମ୍‌କୁ ଅସ୍ୱୀକାର କରିବା ଦ୍ୱାରା କୌଣସି ଦଣ୍ଡ ଏ ଦୁନିଆରେ କାହାକୁ ମିଳିନଥାଏ ବରଂ ଏହି ପାପର ହିସାବ କେବଳ କୟାମତ (ମହାପ୍ରଳୟ) ଦିନ ହେବ । ପୁଣି ଆଥମ୍‌ର କଣ ବିଶେଷତା ଥିଲା ଯେ ସେ ଇସ୍‌ଲାମ୍‌କୁ ଅସ୍ୱୀକାର କରିବା ଯୋଗୁଁ ତାର ମୃତ୍ୟୁର ଭବିଷ୍ୟବାଣୀ ହୋଇଥିଲା ଓ ଅନ୍ୟମାନଙ୍କ ପାଇଁ ହୋଇନଥିଲା । ବରଂ ଭବିଷ୍ୟବାଣୀର କାରଣ କେବଳ ଏହା ଥିଲା ଯେ ସେ ଆଁ ହଜ୍‌ରତ୍ ସ:ଆ:ସଙ୍କ ପବିତ୍ର ମହିମା ସମ୍ବନ୍ଧରେ ଦଜ୍ଜାଲ୍ ଶବ୍ଦ ବ୍ୟବହାର କରିଥିଲା । ସେହି କଥାରୁ ସେ ଷାଠିଏ ସତୁରୀ ଜଣ ଲୋକଙ୍କ ସମ୍ମୁଖରେ (ପଶ୍ଚାତାପ ପରି) ଓହରି ଗଲେ । ଯେଉଁମାନେ ସେହି ସଭାରେ ଥିଲେ ସେମାନଙ୍କ ମଧ୍ୟରୁ ବହୁତ ଲୋକ ସମ୍ମାନୀୟ ଓ ପ୍ରତିଷ୍ଠିତ ବ୍ୟକ୍ତି ଥିଲେ । ତେଣୁ ସେ ଯେତେବେଳେ ଉକ୍ତ ଶବ୍ଦରୁ ରୁଜୁ କରିନେଲା ବରଂ ପରେ କାନ୍ଦୁଥିଲା ଫଳତଃ ଖୁଦାଙ୍କ ନିକଟରେ ଦୟାର ପାତ୍ର ହୋଇଗଲା । କିନ୍ତୁ କେବଳ ଏତିକି ହେଲା ଯେ ତା ମୃତ୍ୟୁ କିଛି ମାସ ପାଇଁ ବିଳମ୍ବ ହୋଇଗଲା ଓ ସେ ମୋ ଜୀବନରେ ହିଁ ମରିଗଲା । ଏବଂ ସେହି ଯୁକ୍ତି ଯାହା ଗୋଟିଏ ମୋବାହଲା ରୂପ ନେଇଥିଲା । ସେ ଦୃଷ୍ଟିରୁ ସେ ନିଜ ମୃତ୍ୟୁଦ୍ୱାରା ମିଥ୍ୟାବାଦୀ ପ୍ରମାଣିତ ହେଲା । ତେବେ କଣ ଏ ପର୍ଯ୍ୟନ୍ତ ସେହି ପେଶ୍‌ଗୋଇ (ଭବିଷ୍ୟବାଣୀ) ପୁରାହୋଇନାହିଁ । ନିଶ୍ଚିତରୂପେ ପୁରଣ ହୋଇଛି ଏବଂ ବହୁତ ସ୍ୱଚ୍ଛତାର ସହ ପୁରଣ ହୋଇଛି । ଏପରି ହୃଦୟ ଉପରେ ଖୁଦାଙ୍କ ଅଭିଶାପ ଯେ ଯିଏ ଏଭଳି ସ୍ୱଷ୍ଟ ନିଦର୍ଶନ ଉପରେ ଆରୋପ ଲଗାଇବାରେ ନିବୃତ ରହେନାହିଁ । ଯଦି ସେମାନେ

## ୧୨୩ ତମ ଜଲ୍‌ସା ସାଲାନା କାଦିଆନ୍

ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ୧୨୩ ତମ ଜଲ୍‌ସା ସାଲାନା କାଦିଆନ୍ ନିମନ୍ତେ ୨୦୧୭ ମସିହା ଡିସେମ୍ବର୍ ତା-୨୯,୩୦,୩୧ ରିଖ (ଶୁକ୍ରବାର, ଶନିବାର, ରବିବାର) ଦିନ ଗୁଡିକୁ ମଞ୍ଜୁରୀ ଦେଇଛନ୍ତି । ଜମାତ୍‌ର ଲୋକମାନେ ବର୍ତ୍ତମାନଠାରୁ ଦୁଆ ସହିତ ଏହି ମୋବାରକ୍ ଜଲ୍‌ସାରେ ସାମିଲ୍ ହେବା ପାଇଁ ନିୟତ କରି ପ୍ରସ୍ତୁତି ଆରମ୍ଭ କରି ଦିଅନ୍ତୁ । ଅଲ୍ଲାଃତାଲା ଆମ ସମସ୍ତଙ୍କୁ ଏହି ଲିଲାଃହି ଜଲ୍‌ସାରୁ ଲାଭବାନ୍ ହେବାପାଇଁ ଶକ୍ତି ପ୍ରଦାନ କରନ୍ତୁ । ଏହି ଜଲ୍‌ସା ସାଲାନା ପ୍ରତ୍ୟେକ କ୍ଷେତ୍ରରୁ ସଫଳ ଏବଂ ବାବର୍‌କତ୍ ହେବାପାଇଁ ତତ୍ ସହିତ ସୌଭାଗ୍ୟଶାଳୀ ଆତ୍ମାଗୁଡିକୁ ହିଦାୟତ୍ ମିଳିବା ପାଇଁ ଦୁଆ ଜାରି ରଖନ୍ତୁ । **(ନାଜର୍ ଇସ୍‌ଲାହ ୱ ଇର୍‌ଶାଦ୍ ମର୍କଜିଆ କାଦିଆନ୍)**

ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

ଚାହିଁବେ ତେବେ ମୁଁ ଆଥମ୍‌ର ରୁଜୁ କରିବା ସମ୍ବନ୍ଧରେ ପାଖାପାଖି ଚାଳିଶି ଜଣ ଲୋକଙ୍କୁ ସାକ୍ଷୀ ରୂପେ ଉପସ୍ଥାପନ କରିପାରିବି । ସେଥିଯୋଗୁଁ ସେ ରାଣ ମଧ୍ୟ ଖାଇଲା ନାହିଁ । ଯଦ୍ୟପି ସବୁ ଇସାଇ ରାଣ ଖାଇ ଆସିଛନ୍ତି । ଏବଂ ହଜ୍‌ରତ୍ ମସିହ୍ ନିଜେ ମଧ୍ୟ ରାଣ ଖାଇଛନ୍ତି । ଆମେ ଏହି ତର୍କକୁ ବଢ଼ାଇବା ପାଇଁ ଆବଶ୍ୟକ ମନେକରୁନାହୁଁ । ଆଥମ୍ ଏବେ ଜୀବିତ ନାହିଁ । ସେ ଏଗାର ବର୍ଷ ହେବ ମରିଗଲାଣି ।

**(ହକିକତୁଲ୍ ୱହି, ରୋହାନି ଖଜାଏନ୍, ଖଣ୍ଡ-୨୨, ପୃଷ୍ଠା-୨୨୧-୨୨୩)**

---

* ଏହି ବିଷୟରେ ହଜାର ହଜାର ଲୋକେ ଜାଣିଥିବେ ଯେ ଯେବେ ଆଥମ୍ ପାଇଁ ଏଲ୍‌ହାମ୍‌ର ସର୍ତ୍ତ ମୁତାବକ ବିଳମ୍ବ କରାଗଲା ତେବେ ସେ ଏହି ବିଳମ୍ବ ନିମନ୍ତେ କୌଣସି ପ୍ରକାର କୃତଜ୍ଞତା ପ୍ରକାଶ କରିଲା ନାହିଁ ବରଂ ଏହା ଭାବିଲା ଯେ ଗୋଟିଏ ବିପତି ମୁଣ୍ଡରୁ ଟଳିଗଲା ଓ ସତ୍ୟକୁ ଲୁଚାଇଲା ଓ କହିଲା ଯେ ମୁଁ ଡ଼ରିଯାଇନାହିଁ ପୁଣି ରାଣ ଖାଇବାକୁ ମଧ୍ୟ ମନା କଲା । ଯଦ୍ୟପି ଇସାଇ ଧର୍ମର ସମସ୍ତ ମହାପୁରୁଷ ରାଣ ଖାଇ ଆସିଛନ୍ତି ଓ ଇଞ୍ଜିଲରୁ ପ୍ରମାଣ ମିଳେ ଯେ ହଜ୍‌ରତ୍ ଇସା ମସିହ୍ ନିଜେ ରାଣ ଖାଇଛନ୍ତି । ପୋଲସ୍ ରାଣ ଖାଇଛନ୍ତି, ପିତ୍‌ରସ୍ ରାଣ ଖାଇଛନ୍ତି । ସୁତରାଂ ତାର ଏହି ସତ୍ୟ ଲୁଚାଇବା ପରେ ଖୁଦା ଉପରେ ପ୍ରକାଶ କଲେ ଯେ ସେ ଏବେ ଶିଘ୍ର ମରିଯିବ । ତେବେ ଯାଇ ମୁଁ ଏ ସମ୍ବନ୍ଧରେ ଇସ୍ତେହାର୍ ଛପାଇଲି । ଆଶ୍ଚର୍ଯ୍ୟର ବିଷୟ ଏହା ଯେ ସେହି ତାରିଖରୁ, ଯାହା ମୁଁ ଏହି ଦ୍ୱିତୀୟ ଏଲ୍‌ହାମ୍ ସମ୍ପର୍କରେ ତା ମୃତ୍ୟୁ ବିଷୟରେ ଛପାଇଥିଲି, ସେ ପନ୍ଦର ମାସ ଭିତରେ ମରିଗଲା । ତେଣୁ ଯେତେବେଳେ ଆଥମ୍ ସତ୍ୟର ମାର୍ଗକୁ ପରିତ୍ୟାଗ କଲା ଓ ସତ୍ୟତାକୁ ଲୁଚାଇଲା, ଖୁଦା ସେହି ପନ୍ଦର ମାସର ଅବଧିକୁ କାଏମ୍ ରଖିଲେ । ଫଳତଃ ଆମ ବିରୋଧିଙ୍କ ଘରେ ଶୋକ ଓ ସନ୍ତାପ ହେଉଅଛି ।

## ସର୍ବୋତମ ୱଜିଫା (ଜପ ବା ନାମ ସଂକୀର୍ତନ ବା ନିତ୍ୟକର୍ମ)

ସିଆଲକୋଟ ଜିଲ୍ଲାର ଜଣେ ନମ୍ବରଦାର ଥିଲେ । ସେ ବୟତ କରିବା ପରେ ପଚାରିଲେ ଯେ ହଜୁର୍ ଆପଣ ନିଜର ପବିତ୍ର ମୁଖରୁ କିଛି ୱଜିଫା ବତାନ୍ତୁ ।

(ହଜୁର୍) କହିଲେ ଯେ ନମାଜକୁ ସଜାଇକରି ଯଥା ବିଧି ଅନୁସାରେ ପଢ଼ । କାରଣ ସବୁ ଦୁଃଖର ନିବାରଣ ପାଇଁ ଏହା ହିଁ ଚାବିକାଠି ଓ ଏଥିରେ ସବୁ ପ୍ରକାର (ଆଧାତ୍ମିକ) ସ୍ୱାଦ ଏବଂ ସମସ୍ତ ଗୁଢ଼ତଥ୍ୟ ଗଛିତ ଅଛି । ନିର୍ମଳ ହୃଦୟ ସହିତ ରୋଜା ରଖ । ସଦ୍‌କା ଓ ଖୈରାତ୍ ଅର୍ଥ ଅଲ୍ଲାଃଙ୍କ ସନ୍ତୁଷ୍ଟି ଉଦ୍ଦେଶ୍ୟରେ ଯଥାସାଧ ଧନ ଜୀବନ ତ୍ୟାଗକର । ଦରୁଦ୍ ଓ ଇସ୍ତେଗ୍‌ଫାର୍ (ଅର୍ଥାତ୍ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ଓ ତାଙ୍କ ଅନୁଯାୟୀ ମାନଙ୍କ ପାଇଁ ଶାନ୍ତି ଓ ଉନ୍ନତିର କାମନା କରିବା ସହିତ ଅଲ୍ଲାଃଙ୍କ ନିକଟରେ ନିଜର କ୍ଷମା ପ୍ରାର୍ଥନା) କର । ନିଜ ବନ୍ଧୁବାନ୍ଧବଙ୍କ ସହିତ ଉତମ ବ୍ୟବହାର କର । ପଡ଼ୋଶୀଙ୍କ ସହିତ ଦୟାଶୀଳ ଭାବ ପୋଷଣ କର । ମାନବ ଜାତି ଉପରେ ବରଂ ପଶୁଙ୍କ ଉପରେ ମଧ୍ୟ ଦୟା କର । ସେମାନଙ୍କ ଉପରେ ମଧ୍ୟ ଅତ୍ୟାଚାର ହେବା ଉଚିତ୍ ନୁହେଁ । ଖୁଦାଙ୍କ ଠାରୁ ସର୍ବଦା ସୁରକ୍ଷା ଭିକ୍ଷା କର । କାରଣ ଅପବିତ୍ର ଓ ଅସଫଳ ସେ ହୃଦୟ ରହେ, ଯିଏ ସବୁବେଳେ ଖୁଦାଙ୍କ ଦରବାରରେ ନତମସ୍ତକ ରହେନାହିଁ । (ତେଣୁ) ସେ ନିରାଶ ହେବ । ଦେଖ ଯଦି ଖୁଦା ହିଁ ସୁରକ୍ଷା ନ ଦିଏ ତେବେ ମନୁଷ୍ୟ ଏକ କ୍ଷଣ ମଧ୍ୟ ତିଷ୍ଠି ପାରିବ ନାହିଁ । ପୃଥିବୀର ତଳ ଠାରୁ ଆକାଶର ତିଳ ପର୍ଯ୍ୟନ୍ତ ସମସ୍ତ ବର୍ଗ ତା ଶତୃତାରେ ଭରି ରହିଛନ୍ତି । ଯଦି ତା ସୁରକ୍ଷା ସାଥିରେ ନ ରହିବ ତେବେ କିଛି ହୋଇପାରେ । ଦୁଆ କର ଯେ ଅଲ୍ଲାଃତାଲା ଆମକୁ ସତ୍‌ପଥରେ ପରିଚାଳିତ କରାନ୍ତୁ । କାରଣ (ମନୁଷ୍ୟର ହୃଦୟକୁ ଜାଣି) ସେ ଦୁଇଟି ମାର୍ଗରେ ପରିଚାଳିତ କରାନ୍ତି । ବିପଥଗାମୀ ଓ ସତ୍‌ପଥଗାମୀ କରାନ୍ତୁ । ଏପରିକି ସେ କହୁଛନ୍ତି **ଯଜିଲ୍ଲୁ ବିହି କସିରା ୱ ୟହ୍‌ଦି ବିହି କସିରା** । ସୁତରାଂ ଯଦି ତାର ଉଦ୍ଦେଶ୍ୟ ବିପଥଗାମୀ କରାଇବା ପାଇଁ ଥାଏ ତେବେ ତୁମେ ସବୁବେଳେ ଦୁଆ କରିବା ଉଚିତ୍ ଯେ ସେ ଆମକୁ ବିପଥଗାମୀ ହେବାରୁ ରକ୍ଷା କରନ୍ତୁ ଓ ସତ୍‌ପଥଗାମୀ ହେବାପାଇଁ ଶକ୍ତି ପ୍ରଦାନ କରନ୍ତୁ । ପୁଣ୍ୟବାନ୍ ବ୍ୟକ୍ତି ଭୁଇଁ ଫୁଙ୍କିଫୁଙ୍କି ନିଜ ପାଦକୁ ସାବଧାନତାର ସହ ରଖେ । ଫଳତଃ କୌଣସି କୀଟକୁ ମଧ୍ୟ ତା ଦ୍ୱାରା ଦୁଃଖ ନ ପହଂଚୁ । ତେଣୁ ନିଜ ହାତଦ୍ୱାରା, ଗୋଡ଼ଦ୍ୱାରା ଓ ଆଖି ଇତ୍ୟାଦି ଅଙ୍ଗ ଦ୍ୱାରା କୌଣସି ଜୀବକୁ କଷ୍ଟ ପହଂଚାନ୍ତୁ ନାହିଁ । ଏବଂ ପ୍ରାର୍ଥନା ଦ୍ୱାରା (ସାହାଯ୍ୟ) ଭିକ୍ଷା କରିଚାଲନ୍ତୁ । **(ମଲ୍‌ଫୁଜାତ୍, ଖଣ୍ଡ-୩, ପୃଷ୍ଠା-୧୦୬, ଏଡ଼ିଶନ୍-୨୦୦୩, ମୁଦ୍ରଣ-କାଦିଆନ୍)**

**(ନଜାରତ ଇସ୍‌ଲାହ ୱ ଇରିଶାଦ ମର୍କଜିଆ କାଦିଆନ୍)**

## ପରମାଣୁ ବୋମା ଉତାପର କୁପ୍ରଭାବରୁ ସୁରକ୍ଷା ରହିବା ପାଇଁ ହୋମିଓପାଥିକ୍ ଔଷଧ

ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଦୟା ପରବଶ ହୋଇ ପରମାଣୁ ଉତାପର କୁପ୍ରଭାବରୁ ସୁରକ୍ଷା ପାଇବା ପାଇଁ ପୂର୍ବରକ୍ଷା ସ୍ୱରୂପ ନିମ୍ନରେ ଦିଆଯାଇଥିବା ଔଷଧକୁ ବ୍ୟବହାର କରିବା ପାଇଁ ନିର୍ଦ୍ଦେଶ୍ ଦେଇଛନ୍ତି । ତତ୍ ସହିତ ଏହା ମଧ୍ୟ କହିଲେ ଯେ ଦୁଆ କର ଯେ ଅଲ୍ଲାଃତାଲା ପ୍ରତ୍ୟେକ ବିଶେଷ ଓ ସାଧାରଣଙ୍କୁ ନିଜର ସୁରକ୍ଷାରେ ରଖନ୍ତୁ । ଆମିନ୍ !

### ହୁ ୱଶ୍ ଶାଫି

**ବୟସ୍କ ଲୋକମାନଙ୍କ ନିମନ୍ତେ:-**

(1)Carcinosin CM (2)Radium Brom CM

**୧୦ ରୁ ୧୫ ବର୍ଷ ପିଲାମାନଙ୍କ ନିମନ୍ତେ:-**

(1)Carcinosin 100 (2)Radium Brom 1000

**୧୦ ରୁ କମ୍ ବୟସର ପିଲାମାନଙ୍କ ନିମନ୍ତେ:-**

(1)Carcinosin 200 (2)Radium Brom 200

ପ୍ରଥମ ସପ୍ତାହରେ ୧ ନଂ ଔଷଧରୁ ଏକ ପାନ ଖାଇବେ ଏବଂ ଦ୍ୱିତୀୟ ସପ୍ତାହରେ ୨ ନଂ ଔଷଧରୁ ଏକ ପାନ ଖାଇବେ । ତୃତୀୟ ସପ୍ତାହରେ ୧ ନଂ ଔଷଧରୁ ଏକ ପାନ ଖାଇବେ ଓ ଚତୁର୍ଥ ସପ୍ତାହରେ ୨ ନଂ ଔଷଧରୁ ଏକ ପାନ ଖାଇବେ । ଏହି ଅନୁକ୍ରମରେ ଛୋଟ ପିଲାମାନେ ଓ ବୟସ୍କମାନେ ଦୁଇଟି ଯାକ ଔଷଧରୁ ୩ ରୁ ୪ ପାନ ଲେଖାଏଁ ଖାଇବେ ।

(ହଫିଜ୍ ଅହେମଦ୍ ଭଟି, ଲଣ୍ଡନ୍, ହୋମିଓପାଥିକ୍ ଡ଼ିପାର୍ଟମେଂଟ୍ ୟୁ.କେ)

(ଅଖିବାର୍ ଅଲ୍‌ଫଜଲ୍ ଇଂଟର୍‌ନ୍ୟାସିନାଲ୍ ୧୨ ମଇ ୨୦୧୭ ଙ୍କୁ ଧନ୍ୟବାଦ ।)

**b b b b b b b b b b b b**

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷରସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

# ଖୁତ୍‌ବା ଜୁମା

★ଆଜି ଅଲ୍ଲାଃଙ୍କ କୃପାରୁ ଇଂଲଣ୍ଡର ବାର୍ଷିକ ଧର୍ମସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଅଛି । ଏହି ଦିନମାନଙ୍କରେ ଦୁଆ ପ୍ରତି ବିଶେଷ ଧ୍ୟାନ ଦେବେ ଏବଂ ଯାହାର ସାମର୍ଥ୍ୟ ଅଛି ସେ ସଦକା ମଧ୍ୟ ଦେବା ଉଚିତ୍ । ଅଲ୍ଲାଃତାଲା ଏହି ଜଲସାକୁ ପ୍ରତ୍ୟେକ ଦିଗରୁ ସଫଳ ଓ ବାବରକତ୍ କରନ୍ତୁ । ଜଲସାରେ ଯୋଗଦେଇଥିବା ତଥା ବିଶ୍ୱର ବିଭିନ୍ନ ଦେଶରେ ବସବାସ କରୁଥିବା ଅହେମଦିଗଣ ଯେ M.T.A ମାଧ୍ୟମରେ ଜଲସାର କାର୍ଯ୍ୟକ୍ରମ ଶୁଣୁଛନ୍ତି ଜଲସା ସଫଳ ହେବା ଓ ଶତ୍ରୁର ପ୍ରତ୍ୟେକ ମନ୍ଦ ଚେଷ୍ଟାରୁ ରକ୍ଷା ପାଇବା ନିମନ୍ତେ ଦୁଆ କରିବେ ।

★ଇସଲାମରେ ଅତିଥିମାନଙ୍କର ଗୁରୁତ୍ୱ ବେଶ୍ ଅଧିକ କିନ୍ତୁ ତାହା ସହିତ ଇସଲାମ ଏପରି ଏକ ନ୍ୟାୟପରାୟଣ ଶିକ୍ଷା ପ୍ରଦାନକାରୀ ଧର୍ମ ଅଟେ, ଯେ କେବଳ ଗୋଟିଏ ପକ୍ଷକୁ ତାହାର କର୍ତବ୍ୟ ସମ୍ପାଦନ କରିବା ପ୍ରତି ଧ୍ୟାନ ଆକର୍ଷିତ କରି ଉପଦେଶ ଦେଇନଥାଏ ବରଂ ଦ୍ୱିତୀୟ ପକ୍ଷକୁ ମଧ୍ୟ ତାହାର କର୍ତବ୍ୟ ସମ୍ପାଦନ କରିବାର ନିର୍ଦ୍ଦେଶ ଦେଇଥାଏ, ଯାହାକି ସେମାନଙ୍କ ଉପରେ ନ୍ୟସ୍ତ ରହିଥାଏ । କାରଣ ଏହା ହିଁ ଏକ ପ୍ରେମ ଓ ଭାତୃଭାବ ସମ୍ପର୍ଣ୍ଣ ପରିବେଶ ପ୍ରତିଷ୍ଠା କରିବାରେ ସହାୟ ହୋଇଥାଏ ।

★ହଜରତ ମସିହ ମଉଦ ଆ.ସ ଗୋଟିଏ ବର୍ଷ ବିରକ୍ତ ହୋଇ ଜଲସାର ଆୟୋଜନ କରିନଥିଲେ କାରଣ ସେହି ସମୟରେ ଜଲସାରେ ଯୋଗଦେଇଥିବା ଅତିଥିମାନେ ନିଜ ନିଜର କର୍ତବ୍ୟ ସମ୍ପାଦନ କରିବାରେ ଅବହେଳା କରିଥିଲେ ଯେହେତୁ ହଜୁର ଏପରି ପଦକ୍ଷେପ ନେଇଥିଲେ ।

★ଜଣେ ଅହେମଦି ଯେତେବେଳେ ଜଲସାରେ ଯୋଗଦେବାକୁ ଆସିଥାଏ ସେତେବେଳେ ତାହାକୁ ଉଭୟ ଅତିଥି ଓ ଅତିଥିଙ୍କ ସତ୍କାରକାରୀ ମନେକରିବା ଉଚିତ୍ ତେବେଯାଇ ବଳିଦାନର ଭାବନା ଉନ୍ନତି କରିବ ଏବଂ ଜଲସାରେ ଶାନ୍ତି, ପ୍ରେମ ଓ ଭାତୃଭାବର ପରିବେଶ ଉତ୍ପନ୍ନ ହେବ । ସର୍ବଦା ଅତିଥିମାନଙ୍କୁ ଚେଷ୍ଟା କରିବା ଉଚିତ୍ ଯେ, ଯେପରି ସେ ଘରେ ଲୋକମାନଙ୍କ ପାଇଁ କଷ୍ଟ ଦାୟକ ସାବ୍ୟସ୍ତ ନହେଉ ବରଂ ହଜରତ ମହମ୍ମଦ ସ.ଆଙ୍କ ନିର୍ଦ୍ଦେଶ ମୁତାବକ ସେମାନଙ୍କ ପାଇଁ ସହଯୋଗୀ ସାବ୍ୟସ୍ତ ହେବ ।

★ଅତିଥିମାନଙ୍କୁ ଆବଶ୍ୟକ କି କର୍ମୀମାନଙ୍କ ସହ ନମ୍ରତା ଓ ପ୍ରେମର ଆଚରଣ ସହ ନିଜ ଆବଶ୍ୟକ ଜିନିଷ ମାଗିବା ଏବଂ ଯଦି ତାହା ନଥିବା ହେତୁ କର୍ମୀମାନେ ଦୁଃଖ ପ୍ରକାଶ କରନ୍ତି ତେବେ ତାହାକୁ ମଧ୍ୟ ଆନନ୍ଦ ଓ ପ୍ରସସ୍ତ ହୃଦୟର ସହ ସ୍ୱୀକାର କରିବା ଉଚିତ୍ ।

★ଜଲସାରେ ଯୋଗଦେବାକୁ ଆସିଥିବା ପ୍ରତ୍ୟେକ ଅହେମଦି ନିଜକୁ କେବଳ ମାତ୍ର ଜଣେ ଅତିଥି ମନେନକରନ୍ତୁ । ବରଂ ଯେପରିକି ମୁଁ କହିଲି ଜଲସାରେ ଯୋଗଦେବାର ଉଦ୍ଦେଶ୍ୟ ହଜରତ ମସିହ ମଉଦ ଆ.ସଙ୍କ ଦୁଆର ଭାଗୀଦାର ହେବା ଓ ଜଲସାର ବରକତରୁ ଉପକୃତ ହେବା ତଥା ନିଜ ଆଧ୍ୟାତ୍ମିକତାରେ ଉନତି କରିବା ଅଟେ, ନା କି ସଂସାରର ଛୋଟ ଛୋଟ ଆରାମ ହାସଲ କରିବାକୁଯାଇ ନିଜ ସମୟ ନଷ୍ଟ କରି ପରିବେଶକୁ ଖରାପ କରିବା । ଏହିସ୍ଥଳେ କର୍ମକର୍ତା ଓ କର୍ମୀମାନଙ୍କୁ ମୁଁ ପନଃ କହୁଅଛି ଯେ ଯେଉଁଲି ପରିସ୍ଥିତି ହେଉ ଯେ ଯେଉଁଲି ବ୍ୟବହାର ପ୍ରଦର୍ଶନ କରନ୍ତୁ ନାକାହିଁକି ଆପଣମାନେ ଉତମ ବ୍ୟବହାର କରିବା ଅନିର୍ବାର୍ଯ୍ୟ ।

★ପ୍ରତି ବର୍ଷ ସୁରକ୍ଷା ବ୍ୟବସ୍ଥାକୁ ନେଇ ଅନେକ ଚିନ୍ତା ଲାଗିରହିଥାଏ । ଅତିଥିମାନଙ୍କୁ Checkersଙ୍କ ସହ ପୂର୍ଣ୍ଣ ସହଯୋଗ କରିବା, ନିଜର ପରିଚୟ କାର୍ଡ଼ କିମ୍ବା ପରିଚୟ ପତ୍ର ଦେଖାଇବା ଅତ୍ୟନ୍ତ ଆବଶ୍ୟକ ଅଟେ । ଏପରି କି କର୍ମୀମାନେ ଯେତେଥର ଦେଖିବାକୁ ମାଗନ୍ତି ଦେଖାଇବା ଉଚିତ୍ ।

★ଏହିପରି ପ୍ରତ୍ୟେକ ବ୍ୟକ୍ତି ନିଜ ଚତୁର୍ପାର୍ଶ୍ୱରେ ନଜର ରଖିବା ସହ ସଜାଗ ରହିବା ମଧ୍ୟ ଆବଶ୍ୟକ । ସବୁଠାରୁବଳି ଯେପରି ମୁଁ କହିଆସିଲି ଏହି ଦିନମାନଙ୍କରେ ବହୁତ ଦୁଆ କରିବେ ଅଲ୍ଲାଃତାଲା ପ୍ରତ୍ୟେକ ଦିଗରୁ ଏହି ଜଲସାକୁ ସଫଳ କରାନ୍ତୁ । ଜଲସାର କାର୍ଯ୍ୟକ୍ରମ ଶୁଣିବେ ଏବଂ ଏଣେ ତେଣେ ବୁଲିବେ ନାହିଁ । ଆଉ ଗୋଟିଏ କଥା ମୁଁ ବ୍ୟବସ୍ଥା ଦାୟିତ୍ୱରେ ଥିବା କର୍ମକର୍ତା ଓ କର୍ମୀମାନଙ୍କୁ ଜଣାଇଦେବାକୁ ଚାହେଁ ଯାହାକି ପୂର୍ବରୁ ମଧ୍ୟ ବହୁବାର କହିଆସିଛି କି କର୍ମକର୍ତାମାନେ ଲୋକମାନଙ୍କ ସୁବିଧା ସୁଯୋଗ ପ୍ରଦାନ କରିବା ପାଇଁ ଅଧିକରୁ ଅଧିକ ଚେଷ୍ଟା କରିବା ଉଚିତ୍ ।

★ଏହିପରି ବ୍ୟବସ୍ଥାକାରୀ ଏକଥା ମଧ୍ୟ ସୁନିଶ୍ଚିତ କରିବେ ଯେ ଜଲସାର କାର୍ଯ୍ୟକ୍ରମ ସମୟରେ ବଜାର ସମ୍ପୂର୍ଣ୍ଣ ରୂପେ ବନ୍ଦ ରହିବା ଉଚିତ୍ କୌଣସି ଦୋକାନ ଯେପରି ଖୋଲା ରହିବ ନାହିଁ । ଦୋକନମାଲିକମାନେ ମଧ୍ୟ ଜଲସା ଶୁଣିବାକୁ ଆସିବା ଉଚିତ୍ ।

★ଜମାଅତର ପ୍ରତି ବର୍ଷପରି ଏଥର ମଧ୍ୟ ପ୍ରଦର୍ଶିନି ଲଗାଯାଇଛି । ଯେଉଁଥିରେ ରିଭିଉ ଅଫ୍ ରିଲିଜିୟନ୍ ଓ ମସିହଙ୍କ କଫନ୍ ପ୍ରଦର୍ଶନିରେ ରଖାଯାଇଛି । ଏଥିସମ୍ବନ୍ଧୀୟ କିଛି ବିଦ୍ୱାନ ବାହାର ଦେଶରୁ ଆସୁଛନ୍ତି ଯେ ନିଜ ନିଜର ମନ୍ତବ୍ୟ ପ୍ରଦାନ କରିବେ ଯେଉଁମାନେ ଏଥିପ୍ରତି ଆଗ୍ରହି ସେମାନେ ସେଥିରୁ ଉପକୃତ ମଧ୍ୟ ହୋଇପାରିବେ ।

---

## ସାରାଂଶ ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]
## (ପ୍ରଦତ୍ତ: ୨୮ ଜୁଲାଇ ୨୦୧୭ ଅନୁଯାୟୀ ୨୮ ୱଫା ୧୩୯୬ ହିଜ୍‌ରି ଶମ୍‌ସି)

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ ۔ بِسْمِ اللّٰهِ الرَّحْمٰنِ الرَّحِيْمِ
اَلْحَمْدُ لِلّٰهِ رَبِّ الْعَالَمِيْنَ ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔ إِيَّاكَ نَعْبُدُ وَإِيَّاكَ نَسْتَعِيْنُ ۔
اِهْدِنَا الصِّرَاطَ الْمُسْتَقِيْمَ ۔ صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّالِّيْنَ

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହୁଜୁର ଅନୱର ଅ:ବ କହିଲେ- ଆଜି ଅଲ୍ଲାଃଙ୍କ କୃପାରୁ ଇଂଲଣ୍ଡର ବାର୍ଷିକ ଧର୍ମସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଅଛି । ଏହି ଦିନମାନଙ୍କରେ ଦୁଆ ପ୍ରତି ବିଶେଷ ଧ୍ୟାନ ଦେବେ ଏବଂ ଯାହାର ସାମର୍ଥ୍ୟ ଅଛି ସେ ସଦକା ମଧ୍ୟ ଦେବା ଉଚିତ୍ । ଅଲ୍ଲାଃତାଲା ଏହି ଜଲସାକୁ ପ୍ରତ୍ୟେକ ଦିଗରୁ ସଫଳ ଓ ବାବରକତ୍ କରନ୍ତୁ । ଜଲସାରେ ଯୋଗଦେଇଥିବା ତଥା ବିଶ୍ୱର ବିଭିନ୍ନ ଦେଶରେ ବସବାସ କରୁଥିବା ଅହେମଦିଗଣ ଯେ M.T.A ମାଧ୍ୟମରେ ଜଲସାର କାର୍ଯ୍ୟକ୍ରମ ଶୁଣୁଛନ୍ତି ଜଲସା ସଫଳ ହେବା ଓ ଶତ୍ରୁର ପ୍ରତ୍ୟେକ ମନ୍ଦ ଚେଷ୍ଟାରୁ ରକ୍ଷା ପାଇବା ନିମନ୍ତେ ଦୁଆ କରିବେ । ବିଗତ ଖୁତବାରେ ମୁଁ ଅତିଥି ସତ୍କାର

ସମ୍ବନ୍ଧରେ କର୍ମୀମାନଙ୍କୁ ଅନେକ ଉପଦେଶ ମୂଳକ କଥା କହିଥିଲି । ଆଜି ସଂକ୍ଷେପରେ ଅତିଥିମାନଙ୍କୁ କିଛି କହିବାକୁ ଚାହୁଁଛି ଯେ ଅତିଥିମାନଙ୍କର ମଧ୍ୟ କିଛି ଦାୟିତ୍ୱ ଓ କର୍ତବ୍ୟ ରହିଛି ଯାହାକି ସେମାନଙ୍କୁ ସମ୍ପାଦନ କରିବା ଉଚିତ୍ । ନିଃସନ୍ଦେହ ଇସଲାମରେ ଅତିଥିମାନଙ୍କର ଗୁରୁତ୍ୱ ବେଶ୍ ଅଧିକ କିନ୍ତୁ ତାହା ସହିତ ଇସଲାମ ଏପରି ଏକ ନ୍ୟାୟପରାୟଣ ଶିକ୍ଷା ପ୍ରଦାନକାରୀ ଧର୍ମ ଅଟେ, ଯେ କେବଳ ଗୋଟିଏ ପକ୍ଷକୁ ତାହାର କର୍ତବ୍ୟ ସମ୍ପାଦନ କରିବା ପ୍ରତି ଧ୍ୟାନ ଆକର୍ଷିତ କରି ଉପଦେଶ ଦେଇନଥାଏ ବରଂ ଦ୍ୱିତୀୟ ପକ୍ଷକୁ ମଧ୍ୟ ତାହାର କର୍ତବ୍ୟ ସମ୍ପାଦନ କରିବାର ନିର୍ଦ୍ଦେଶ ଦେଇଥାଏ, ଯାହାକି ସେମାନଙ୍କ ଉପରେ ନ୍ୟସ୍ତ ରହିଥାଏ । କାରଣ ଏହା ହିଁ ଏକ ପ୍ରେମ ଓ ଭାତୃଭାବ ସମ୍ପର୍ଣ୍ଣ ପରିବେଶ ପ୍ରତିଷ୍ଠା କରିବାରେ ସହାୟ ହୋଇଥାଏ । ହଜରତ ମସିହ ମଉଦ ଆ.ସ ଗୋଟିଏ ବର୍ଷ ବିରକ୍ତ ହୋଇ ଜଲସାର ଆୟୋଯନ କରିନଥିଲେ କାରଣ ସେହି ସମୟରେ ଜଲସାରେ ଯୋଗଦେଇଥିବା ଅତିଥିମାନେ ନିଜ ନିଜର କର୍ତବ୍ୟ ସମ୍ପାଦନ କରିବାରେ ଅବହେଳା କରିଥିଲେ ଯେହେତୁ ହଜୁର ଏପରି ପଦକ୍ଷେପ ନେଇଥିଲେ । ଆପଣ ଏଥିପାଇଁ ବିରକ୍ତ ହୋଇନଥିଲେ କି ଯୋଗଦେଇଥିବା ଅତିଥିମାନଙ୍କ ଦ୍ୱାରା ଆପଣଙ୍କୁ ସିଧାସଳଖ ଭାବରେ କିଛି କଷ୍ଟ ପହଁଚିନଥିଲା ବରଂ ଆପଣ କହିଥିଲେ କି ତୁମେମାନେ ଯେ କି ଜଲସାରେ ଯୋଗ ଦେବାକୁ ଆସିଛ ପରସ୍ପର ପ୍ରତି ନିଜ ନିଜର କର୍ତବ୍ୟ ସମ୍ପାଦନ କରୁ ନାହଁ ଏବଂ ଏତିକି ନୁହେଁ ବରଂ ସ୍ୱାର୍ଥପରତା ଓ ନିଜ ସୁଖ ସୁବିଧାର (ଭାବନା) ମୁକ୍ତ ଭାବରେ ପ୍ରକାଶ କରୁଅଛ । ଅନ୍ୟର ଆରାମ ଉପରେ ନିଜର ଆରାମକୁ ପ୍ରାଥମିକତା ଦେଉଅଛ ଏବଂ ଏପରି (ଆଧ୍ୟାତ୍ମିକ) ଜଲସାକୁ ତୁମେମାନେ ସାଂସାରିକ ମେଳା ପରି ମଣୁଅଛ ଯେତେବେଳେ କି ଜଲସାରେ ଯୋଗଦେବାର ଉଦ୍ଦେଶ୍ୟ ଈଶ୍ୱର ଭୟରେ ଉନ୍ନତି କରିବା ଏବଂ ଅଲ୍ଲାଃଙ୍କ ସହ ନିଜ ସମ୍ପର୍କକୁ ମଜବୁତ୍ କରିବା ସହିତ ପରସ୍ପର ପ୍ରତି ଥିବା କର୍ତବ୍ୟ ସମ୍ପାଦନ କରିବା ତଥା ପରସ୍ପର ପ୍ରତି ବଳିଦାନର ଭାବନା ଓ ଏହାର ସ୍ତରକୁ ଅଭିବୃଦ୍ଧି କରିବା ଅଟେ । ଯେତେବେଳେ ଆପଣ ଦେଖିଲେ କିଛି ଲୋକ ଏହି ସ୍ତର ହାସଲ କରିବା ପ୍ରତି ଯତ୍ନବାନ ନୁହନ୍ତି ସେତେବଳେ ଆପଣଙ୍କୁ ବେଶ୍ ଆଘାତ ଲାଗିଥିଲା ଏବଂ ଆପଣ ତାହାର ପ୍ରକାଶ ମଧ୍ୟ କରିଥିଲେ । ସୁତରାଂ ଯେତେବେଳେ ଅତିଥିଗଣ ଜଲସାରେ ଯୋଗ ଦେବାକୁ ଆସନ୍ତି ସେତେବେଳେ କେବଳ ଅତିଥି ହୋଇରହିନଥାନ୍ତି କି ଜଣେ ଅତିଥି ପରି ଉତମ ବ୍ୟବହାର ଓ ଖାଇବା, ରହିବା ଇତ୍ୟାଦିରେ ନିଜ ଘରଠାରୁ ବଳି ଆମକୁ ସତ୍କାର ମିଳିବ ବରଂ ବଳିଦାନର ସର୍ବୋଚ୍ଚ ସ୍ତର ହାସଲ କରିବାକୁ ଚେଷ୍ଟା କରିବା ଉଚିତ୍ । ଯେପରି ମୁଁ କହିଆସିଲି ଅଲ୍ଲାଃଙ୍କ ସହ ସମ୍ପର୍କ ବାନ୍ଧିବା ଓ ଆଧ୍ୟାତ୍ମିକତାରେ ଉନତି କରିବା ସହିତ ପରସ୍ପରର କର୍ତବ୍ୟ ସମ୍ପାଦନ କରିବା । ହଁ ଅଣଅହେମଦି ଅତିଥିମାନଙ୍କ କଥା ଭିନ୍ନ ଅଟେ ଏବଂ ନିଶ୍ଚିତ ରୂପେ ସେମାନଙ୍କର ବିଶେଷ ଧ୍ୟାନ ରଖାଯାଇଥାଏ । ସେମାନଙ୍କ ସତ୍କାର ନିମନ୍ତେ ଆମ୍ଭର ଯେଭଳି ସମ୍ବଳ ରହିଛି ତାହାକୁ କାର୍ଯ୍ୟକାରୀ କରି ସେମାନଙ୍କ ସତ୍କାର କରିବା ଉଚିତ୍ । ତେବେଯାଇ ଅତିଥି ସତ୍କାରର କର୍ତବ୍ୟ ସମ୍ପାଦନ ହେବ । ବିଶେଷକରି କୌଣସି ଗୋଷ୍ଠୀର ମୂଖ୍ୟ ଯେତେବେଳେ ଅତିଥି ଭାବରେ ଆସିଥାନ୍ତି ସେମାନଙ୍କ ପାଇଁ ବିଶେଷ ବ୍ୟବସ୍ଥାର ଆୟୋଜନ ହେବା ଉଚିତ୍ କାରଣ ହଜରତ ମହମ୍ମଦ ସ.ଆଙ୍କର ନିର୍ଦ୍ଦେଶ ରହିଛି କି ଯେତେବେଳେ ତୁମ ନିକଟକୁ କୌଣସି ଗୋଷ୍ଠୀର ମୂଖ୍ୟ ଓ ସରଦାର ଆସନ୍ତି ତେବେ ସେମାନଙ୍କର ଆଦର ସମ୍ମାନ କର ଏବଂ ସେମାନଙ୍କ ଖାଇବା ପିଇବାର (ଉତମ) ବ୍ୟବସ୍ଥା କର ।

ସେହିପରି ସତ୍‌ମାର୍ଗ ପ୍ରାପ୍ତ ଆଶାରେ ଅନେକ ଆସିଥାନ୍ତି, ସେ ଯେ କେହି ହୁଅନ୍ତୁ ନା କାହିଁକି ଆମ୍ଭକୁ ସମସ୍ତଙ୍କର ପୂର୍ଣ୍ଣ ସତ୍କାର କରିବା ଉଚିତ୍ । ହଜରତ ମସିହ ମଉଦ ଆ.ସ ଆମ୍ଭକୁ ଏହି କଥା ବୁଝାଇଛନ୍ତି । ଆପଣ ଲଙ୍ଗର(ଖାଦ୍ୟ ପ୍ରସ୍ତୁତି ଓ ଖାଦ୍ୟ ଖୁଆଉ ଥିବା ବିଭାଗ)ର କର୍ମୀମାନଙ୍କୁ ଉପଦେଶ ଦେଇଛନ୍ତି କି ତୁମେ କାହାରିକୁ ଜାଣ ଅବା ନଜାଣ, ବଡ଼ ଛୋଟ, ଧନି ଗରିବ ତୁମ ପାଇଁ ପ୍ରତ୍ୟେକଙ୍କର ସତ୍କାର କରିବା ଅନିର୍ବାର୍ଯ୍ୟ । କିନ୍ତୁ ଜଣେ ଅହେମଦି ଯେତେବେଳେ ଜଲସାରେ ଯୋଗଦେବାକୁ ଆସିଥାଏ ସେତବେଳେ ତାହାକୁ ଉଭୟ ଅତିଥି ଓ ଅତିଥିଙ୍କ ସତ୍କାରକାରୀ ମନେକରିବା ଉଚିତ୍ ତେବେଯାଇ ବଳିଦାନର ଭାବନା ଉନ୍ନତି କରିବ ଏବଂ ଜଲସାରେ ଶାନ୍ତି, ପ୍ରେମ ଓ ଭାତୃଭାବର ପରିବେଶ ଉତ୍ପନ୍ନ ହେବ । ସର୍ବଦା ଅତିଥିମାନଙ୍କୁ ଚେଷ୍ଟା କରିବା ଉଚିତ୍ ଯେ, ଯେପରି ସେ ଘରେ ଲୋକମାନଙ୍କ ପାଇଁ କଷ୍ଟ ଦାୟକ ସାବ୍ୟସ୍ତ ନହେଉ ବରଂ ହଜରତ ମହମ୍ମଦ ସ.ଆଙ୍କ ନିର୍ଦ୍ଦେଶ ମୁତାବକ ସେମାନଙ୍କ ପାଇଁ ସହଯୋଗୀ ସାବ୍ୟସ୍ତ ହେବ । ଜଲସାର ଦିନମାନଙ୍କରେ ଯେହେତୁ ଏଠାରେ ଅସ୍ଥାୟୀ ବ୍ୟବସ୍ଥା କରାଯାଇଥାଏ ତେଣୁ ଏଠାରେ ରହୁଥିବା ଅତିଥିମାନଙ୍କୁ ସେପରି ସୁବିଧା ସୁଯୋଗ ତଥା ସୁବ୍ୟବସ୍ଥା ଯୋଗଇଦେବା ସମ୍ଭବ ହୋଇନଥାଏ ଯେପରି ସ୍ଥାୟୀ ଅତିଥିଶାଳାରେ ମିଳିଥାଏ । ଅତିଥିମାନଙ୍କୁ ଆବଶ୍ୟକ କି କର୍ମୀମାନଙ୍କ ସହ ନମ୍ରତା ଓ ପ୍ରେମର ଆଚରଣ ସହ ନିଜ ଆବଶ୍ୟକ ଜିନିଷ ମାଗିବା ଏବଂ ଯଦି ତାହା ନଥିବା ହେତୁ କର୍ମୀମାନେ ଦୁଃଖ ପ୍ରକାଶ କରନ୍ତି ତେବେ ତାହାକୁ ମଧ୍ୟ ଆନନ୍ଦ ଓ ପ୍ରସସ୍ତ ହୃଦୟର ସହ ସ୍ୱୀକାର କରିବା ଉଚିତ୍ ।

ଜଲସାରେ ଯୋଗଦେବାକୁ ଆସିଥିବା ପ୍ରତ୍ୟେକ ଅହେମଦି ନିଜକୁ କେବଳ ମାତ୍ର ଜଣେ ଅତିଥି ମନେନକରନ୍ତୁ । ବରଂ ଯେପରିକି ମୁଁ କହିଲି ଜଲସାରେ ଯୋଗଦେବାର ଉଦ୍ଦେଶ୍ୟ ହଜରତ ମସିହ ମଉଦ ଆ.ସଙ୍କ ଦୁଆର ଭାଗୀଦାର ହେବା ଓ ଜଲସାର ବରକତରୁ ଉପକୃତ ହେବା ତଥା ନିଜ ଆଧ୍ୟାତ୍ମିକତାରେ ଉନତି କରିବା ଅଟେ, ନା କି ସଂସାରର ଛୋଟ ଛୋଟ ଆରାମ ହାସଲ କରିବାକୁଯାଇ ନିଜ ସମୟ ନଷ୍ଟ କରି ପରିବେଶକୁ ଖରାପ କରିବା । ଏହିସ୍ଥଳେ କର୍ମକର୍ତା ଓ କର୍ମୀମାନଙ୍କୁ ମୁଁ ପନଃ କହୁଅଛି ଯେ ଯେଭଳି ପରିସ୍ଥିତି ହେଉ ଯେ ଯେଭଳି ବ୍ୟବହାର ପ୍ରଦର୍ଶନ କରନ୍ତୁ ନାକାହିଁକି ଆପଣମାନେ ଉତମ ବ୍ୟବହାର କରିବା ଅନିର୍ବାର୍ଯ୍ୟ । ଏହି ତିନି ଦିନରେ ଅତିଥିମାନଙ୍କୁ ଯେଭଳି ଖାଇବାକୁ ଦିଆଯାଉଛି ତାହାକୁ ଆନନ୍ଦର ସହକାରେ ଖାଇନେବା ଉଚିତ୍ । ଦେଖ ଅନେକ ଲୋକ ଯେ କି ଉଚ୍ଚ ପଦରେ ଅଧିଷ୍ଠିତ କିନ୍ତୁ କେବଳ ହଜରତ ମସିହ ମଉଦ ଆ.ସଙ୍କ ଅତିଥିମାନଙ୍କ ସେବା କରିବାରେ ବରକତ୍ ଥିବା କଥା ହୃଦୟଙ୍ଗମ କରି ନିଜ କାର୍ଯ୍ୟାଳୟରୁ ଛୁଟି ନେଇ ଏଠାକୁ ଏକ ଆଗ୍ରହ ଓ ଉତ୍ସାହର ସହ ଆସି ଖାଦ୍ୟ ପ୍ରସ୍ତୁତ କରିଥାନ୍ତି । ସୁତରାଂ ଯଦି ଖାଦ୍ୟର ସ୍ୱାଦରେ କିଛି କମ୍ ବେଶି ହୋଇଯାଏ ତେବେ ଅଭିଯୋଗ କରିବା ଉଚିତ୍ ନୁହେଁ । ଯେଉଁ କର୍ମୀମାନେ ଖାଦ୍ୟ ବଂଟନ ଦାୟିତ୍ୱରେ ରହିଛନ୍ତି ଅର୍ଥାତ ଅତିଥିମାନଙ୍କୁ ଖୁଆଇଥାନ୍ତି ସେମାନେ ଅତିଥିମାନଙ୍କୁ ସମ୍ମାନର ସହ ଖାଦ୍ୟ ଖୁଆଇବା ଉଚିତ୍ ଏବଂ ଯଦି କେହି ଦଶ ଥର ତରକାରୀ ମାଗନ୍ତି ଏବଂ ନିଜ ପସନ୍ଦ ମୁତାବକ ମାଗନ୍ତି ତେବେ ମଧ୍ୟ ତାଙ୍କର ଇଚ୍ଛା ପୂରଣ କରିବା ଉଚିତ୍ । କେତେକ ସମୟରେ ଖାଇବା ସ୍ଥାନରେ ଛୋଟ ଛୋଟ କଥାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥାଏ । ସେସବୁରୁ ନିବତ ରହିବାକୁ ଚେଷ୍ଟା କରିବା ଉଚିତ୍ ।

ପ୍ରତି ବର୍ଷ ସୁରକ୍ଷା ବ୍ୟବସ୍ଥାକୁ ନେଇ ଅନେକ ଚିନ୍ତା ଲାଗିରହିଥାଏ । ଅତିଥିମାନଙ୍କୁ Checkersଙ୍କ ସହ ପୂର୍ଣ୍ଣ ସହଯୋଗ କରିବା, ନିଜର ପରିଚୟ କାର୍ଡ଼ କିମ୍ବା ପରିଚୟ ପତ୍ର ଦେଖାଇବା ଅତ୍ୟନ୍ତ ଆବଶ୍ୟକ ଅଟେ । ଏପରି କି କର୍ମୀମାନେ ଯେତେଥର ଦେଖିବାକୁ ମାଗନ୍ତି ଦେଖାଇବା ଉଚିତ୍ । ନିଜ କାର୍ଡ଼ ଓ ବିଶେଷ ସ୍ଥାନ ଭ୍ରମଣ କରିବାର ପାସ୍ ଅନ୍ୟ କାହାରିକୁ ଦେବେ ନାହିଁ । Checkers ମନେରଖିବା ଉଚିତ୍ ଯେ ଯଦି କାହାରିକୁ ଦୁଇଟି କାର୍ଡ଼ ମିଳିଯାଇଥାଏ ଏମଜ୍ ବ୍ୟତୀତ ତେବେ ଉଭୟ କାର୍ଡ଼ Check କରିବେ ଏବଂ ମନେରଖିବେ ଉଭୟ କାର୍ଡ଼ରେ କେବଳ ଜଣେ ବ୍ୟକ୍ତିର

ନାମ ହିଁ ଦରଜ ରହିଥିବା ଉଚିତ୍ ।

ସେହିପରି ଯେ ନିଜ ସାଥିରେ ପାଣି ବୋତଲ ଧରି ଆସୁଛନ୍ତି ସେମାନେ ସୁରକ୍ଷା କର୍ମୀମାନଙ୍କ ସହ ସହଯୋଗ କରିବେ କାରଣ ଚଳିତ ବର୍ଷ ଆମକୁ ପ୍ରଶାସନ ତରଫରୁ ମଧ୍ୟ ନିର୍ଦ୍ଦେଶ ମିଳିଛି ଏବଂ ସୁରକ୍ଷା ଦୃଷ୍ଟି କୋଣରୁ ମଧ୍ୟ ଏସବୁ ପଦକ୍ଷେପ ନେବା ଅତ୍ୟନ୍ତ ଜରୁରୀ ଅଟେ କି ସୁରକ୍ଷା କର୍ମୀ ସେସମସ୍ତ ବସ୍ତୁ ମଧ୍ୟ Check କରିବେ, ସୁତରାଂ ସମସ୍ତଙ୍କୁ ସହଯୋଗ କରିବା ଉଚିତ୍ । ସୁରକ୍ଷା କର୍ମୀମାନେ ମଧ୍ୟ ମନେରଖିବା ଉଚିତ୍ କି ଯେ କେହି ହୁଅନ୍ତୁ ନା କାହିଁକି ପରିଚିତ ଅବା ଅପରିଚିତ, କର୍ମକର୍ତା ଅବା ଅଣକର୍ମକର୍ତା ପ୍ରତ୍ୟେକଙ୍କୁ Check କରିବେ । ଅତଏବ କାହାରିକୁ ଏପରି ନିଜର Check ହେବାକୁ ନେଇ ମନଦୁଃଖ କରିବାର ଆବଶ୍ୟକତା ନାହିଁ ନା Checkersଙ୍କୁ ଲାଜ ଲାଗିବା ଉଚିତ୍ ।

ଏହିପରି ପ୍ରତ୍ୟେକ ବ୍ୟକ୍ତି ନିଜ ଚତୁର୍ପାଶ୍ୱରେ ନଜର ରଖିବା ସହ ସଜାଗ ରହିବା ମଧ୍ୟ ଆବଶ୍ୟକ । ସବୁଠାରୁବଳି ଯେପରି ମୁଁ କହିଆସିଲି ଏହି ଦିନମାନଙ୍କରେ ବହୁତ ଦୁଆ କରିବେ ଅଲ୍ଲାଃତାଲା ପ୍ରତ୍ୟେକ ଦିଗରୁ ଏହି ଜଲସାକୁ ସଫଳ କରାନ୍ତୁ । ଜଲସାର କାର୍ଯ୍ୟକ୍ରମ ଶୁଣିବେ ଏବଂ ଏଣେ ତେଣେ ବୁଲିବେ ନାହିଁ । ଆଉ ଗୋଟିଏ କଥା ମୁଁ ବ୍ୟବସ୍ଥା ଦାୟିତ୍ୱରେ ଥିବା କର୍ମକର୍ତା ଓ କର୍ମୀମାନଙ୍କୁ ଜଣାଇଦେବାକୁ ଚାହେଁ ଯାହାକି ପୂର୍ବରୁ ମଧ୍ୟ ବହୁବାର କହିଆସିଛି କି କର୍ମକର୍ତାମାନେ ଲୋକମାନଙ୍କ ସୁବିଧା ସୁଯୋଗ ପ୍ରଦାନ କରିବା ପାଇଁ ଅଧିକରୁ ଅଧିକ ଚେଷ୍ଟା କରିବା ଉଚିତ୍ । କେତେକ ସମୟରେ କିଛି ଲୋକ ଶିଘ୍ର ଆସିବା ଉଦ୍ଦେଶ୍ୟରେ ଘରୁ କିଛି ନଖାଇ ଆସିଥାନ୍ତି କିମ୍ବା ଖାଲିପେଟରେ ବସିବା ଯୋଗୁଁ ସେମାନଙ୍କ ସ୍ୱାସ୍ଥ୍ୟ ଖରାପ ହୋଇଯାଇଥାଏ । ପୁଣି କେତେକ ରୋଗାକ୍ରାନ୍ତ ଲୋକଙ୍କ ପାଇଁ ଦିର୍ଘ ସମୟ ଖାଲିପେଟରେ ରହିବା ଅସମ୍ଭବ ହୋଇଥାଏ । ଏପରି ବ୍ୟକ୍ତିମାନଙ୍କ ପାଇଁ ଭୋଜନାଳୟରେ କିଛି ନାକିଛି ଖାଇବା ରଖିବା ଓ ସେଠାରେ ସେମାନଙ୍କୁ ଖୁଆଇବା ନିମନ୍ତେ କିଛିଲୋକ ମୁତୟନ ରହିବା ଆବଶ୍ୟକ । କିନ୍ତୁ ଏପରି ଅତିଥିମାନେ ମଧ୍ୟ ସେଠାରୁ ଅତି ଶିଘ୍ର ଖାଇବା ସାରି ଜଲସାର କାର୍ଯ୍ୟକ୍ରମ ଶୁଣିବା ପାଇଁ ଫେରି ଆସିବା ଉଚିତ୍ ।

ଏହିପରି ବ୍ୟବସ୍ଥାକାରୀ ଏକଥା ମଧ୍ୟ ସୁନିଶ୍ଚିତ କରିବେ ଯେ ଜଲସାର କାର୍ଯ୍ୟକ୍ରମ ସମୟରେ ବଜାର ସମ୍ପୂର୍ଣ୍ଣ ରୂପେ ବନ୍ଦ ରହିବା ଉଚିତ୍ କୌଣସି ଦୋକାନ ଯେପରି ଖୋଲା ରହିବ ନାହିଁ । ଦୋକନମାଲିକମାନେ ମଧ୍ୟ ଜଲସା ଶୁଣିବାକୁ ଆସିବା ଉଚିତ୍ । ଏପରିକି ବଜାରରେ ସୁରକ୍ଷା କର୍ମୀମାନେ Duty ଦେବା ଉଚିତ୍ । ଯଦି କାହାର ମୂଲ୍ୟବାନ ଜିନିଷ ଚୋରି ହେବାର ଆଶଙ୍କା ରହିଥାଏ ତେବେ ସେ ବଜାରର ଏକ ସ୍ଥାନରେ ଜଲସା ଶୁଣିବାର ବ୍ୟବସ୍ଥା କରିବା ଉଚିତ୍ ଅର୍ଥାତ TV ଲଗାଇ ଜଲସାର କାର୍ଯ୍ୟକ୍ରମ ଶୁଣିବା ଉଚିତ୍ ନା କି ସାମାନ ଚୋରୀ ହେବା ଭୟରେ ଦୋକାନ ଖୋଲି ବସିରହି ଥିବେ ।

ସେହିପରି ଏକଥା ମଧ୍ୟ କହିବାକୁ ଚାହେଁ ଯେ ଜମାଅତର ପ୍ରତି ବର୍ଷପରି ଏଥର ମଧ୍ୟ ପ୍ରଦର୍ଶନି ଲଗାଯାଇଛି । ଯେଉଁଥିରେ ରିଭିଉ ଅଫ୍ ରିଲିଜିୟନ୍ ଓ ମସିହଙ୍କ କଫନ୍ ପ୍ରଦର୍ଶନିରେ ରଖାଯାଇଛି । ଏଥିସମ୍ବନ୍ଧୀୟ କିଛି ବିଦ୍ୱାନ ବାହାର ଦେଶରୁ ଆସୁଛନ୍ତି ଯେ ନିଜ ନିଜର ମନ୍ତବ୍ୟ ପ୍ରଦାନ କରିବେ ଯେଉଁମାନେ ଏଥିପ୍ରତି ଆଗ୍ରହି ସେମାନେ ସେଥିରୁ ଉପକୃତ ମଧ୍ୟ ହୋଇପାରିବେ ।

ସେହିପରି ଅଲ-କଲମ୍ ପ୍ରୋଜେକ୍ଟ ମଧ୍ୟ ରିଭିଉ ଅଫ୍ ରିଲିଜିୟନ୍‌ର ଅନ୍ତର୍ଗତ ଚାଲିବ । ଯେଉଁଠାରେ ପବିତ୍ର କୋରାନର କୌଣସି ଏକ ପଙ୍କ୍ତି ହାତରେ ଲେଖିବାର ଅବସର ପ୍ରଦାନ କରାଯାଇଥାଏ । ଯେଉଁଥିରେ ଲୋକେ ବେଶ୍ ଆଗ୍ରହର ସହକାରେ ସାମିଲ୍ ହୋଇଥାନ୍ତି ଏବଂ ଯେ କେହି ସେଥିରେ ଭାଗ ନେଇପାରିବେ । ଏପରି ଆରକାୟୋ ବିଭାଗର ଅନ୍ତର୍ଗତ କିଛି ପବିତ୍ର ବସ୍ତୁମାନ ପ୍ରଦର୍ଶନିରେ ରଖାଯାଇଛି । ତାହା ମଧ୍ୟ ଦେଖିବା ଯୋଗ୍ୟ ଅଟେ । ମଖଜନେ ତସାଓ୍ୱିର୍‌ର ଫଟୋ ମଧ୍ୟ ପ୍ରଦର୍ଶନୀରେ ରଖାଯାଇଛି କିନ୍ତୁ ମନେରଖନ୍ତୁ ଜଲସାର କାର୍ଯ୍ୟକ୍ରମ ସମୟରେ ଏସବୁ (ବିଭାଗ) ବନ୍ଦ ରହିବ । ଜଲସାର କାର୍ଯ୍ୟକ୍ରମ ମନଧ୍ୟାନ ଦେଇ ଶୁଣିବେ ଅଲ୍ଲାଃଙ୍କ କୃପାରୁ ଆମ ବିଦ୍ୱାନମାନେ ବେଶ୍ ପରିଶ୍ରମ କରି ନିଜ ନିଜର ବକ୍ତୃତା ପ୍ରସ୍ତୁତ କରିଥାନ୍ତି ସେଥିରୁ ସମ୍ପୂର୍ଣ୍ଣ ରୂପେ ଉପକୃତ ହେବା ଉଚିତ୍ । ଏପରି ନୁହେଁ କି ନିଜ ପସନ୍ଦର ବକ୍ତାମାନଙ୍କୁ କିମ୍ବା ବିଷୟବସ୍ତୁକୁ ମନଦେଇ ଶୁଣିବା ବାକି ପ୍ରତି ଧ୍ୟାନ ଦେବା ନାହିଁ । ହଜରତ ମସିହ ମଉଦ ଆ.ସ କୁହନ୍ତି- ସମସ୍ତେ ମନଦେଇ ଶୁଣିରଖ ମୁଁ ନିଜ ଜମାଅତ ଏବଂ ସ୍ୱୟଂ ନିଜ ପାଇଁ ଏହା ପସନ୍ଦ କରିଥାଏ କି ଭାଷଣରେ ଯେଉଁଳି ଉତେଜନା ପ୍ରକାଶ କରାଯାଇଥାଏ କେବଳ ତାହାକୁ ପସନ୍ଦ କରିବା ମଧ୍ୟରେ ସିମୀତ ରହିଯାଅ ନାହିଁ କି ବକ୍ତା କିଭଳି ନିଜ ଭାବ ଓ ଶବ୍ଦ ସଂଯୋଗ ଦ୍ୱାରା ଯାଦୁ କରିବା ପରି ନିଜ ବିଷୟବସ୍ତୁ ଉପସ୍ଥାପନ କରୁଅଛି । ମୁଁ ଏଥିରେ ରାଜି ହୋଇନଥାଏ, ହଜୁର ଆ.ସ କୁହନ୍ତି ମୁଁ ଏହା ହିଁ ପସନ୍ଦ କରିଥାଏ କି ନା ମନଗଢା ନା ଅଭିବ୍ୟକ୍ତ ପ୍ରକାଶ କରି ବରଂ ମୋ ପ୍ରକୃତି ଓ ପସନ୍ଦ ଏହି କି ଯେ ଯାହା କିଛି କରିବା ଅଲ୍ଲାଃଙ୍କ ପାଇଁ ହିଁ କରିବା, ଯାହା କିଛି କହିବା ଅଲ୍ଲାଃଙ୍କ ପାଇଁ କହିବା, ଅଲ୍ଲାଃଙ୍କ ପ୍ରଶନ୍ନତା ଲାଭ କରିବା ତଥା ଯାହା କିଛି ଶୁଣିବା ଅଲ୍ଲାଃଙ୍କ ବାର୍ତା ମନେକରି ଏବଂ ଅମଲ କରିବା ପାଇଁ ଶୁଣିବା । ପ୍ରବଚନର ସ୍ଥଳିରୁ କେବଳ ଏତିକି ନେଇ ଫେର ନାହିଁ କି ଆଜି ବେଶ୍ ସୁନ୍ଦର ବକ୍ତୃତା ପରିବେଶଣ ହେଲା । ଏପରି ମନଯୋଗର ସହକାରେ ବକ୍ତୃତା ଶୁଣ କି ତଦନୁଯାୟୀ ଅମଲ କରିବା ନା କି ବକ୍ତୃତାର ପ୍ରଶଂସାଗାନ କରିବା ପାଇଁ ଶୁଣ । ହଜୁର ଆ.ସ କୁହନ୍ତି- ମୁସଲମାନମାନଙ୍କର ପତନ ଓ ନିମ୍ନଗାମୀ ହେବାର ବଡ଼ କାରଣ ଏହି କି ଯେ ସେମାନେ ଏହି ନିୟତର ସହ (ବକ୍ତୃତା) ଶୁଣିନଥାନ୍ତି କି ତଦନୁଯାୟୀ ଅମଲ କରିବୁ । ଆପଣ କୁହନ୍ତି ନଚେତ୍ ଏପରି ଧର୍ମ ସମ୍ମିଳନୀ କନଫରେନସ୍ ଇତ୍ୟାଦି ହେବା ସତ୍ତ୍ୱେ ଯେଉଁଥିରେ ବଡ଼ ବଡ଼ ବିଦ୍ୱାନ ତଥା ବକ୍ତା ନିଜର ବକ୍ତୃତା ଉପସ୍ଥାପନ କରିବା, କବିମାନଙ୍କ ଗୋଷ୍ଠୀଙ୍କ ମଧ୍ୟରୁ କେହି ଦେହତ୍ୟାଗ କଲେ ତାହା ପାଇଁ ବିଳାପ କରିବା ତେବେ କେଉଁ କାରଣରୁ ଏହାର କୌଣସି ପ୍ରଭାବ ପଡୁ ନାହିଁ ଏବଂ ଧର୍ମର ପ୍ରତିଦିନ ଅର୍ଦ୍ଧପତନ ଘଟିଚାଲିଛି । ଏହା ହିଁ ଆମେ ପରିଲକ୍ଷିତ କରୁଅଛୁ, ପୁଣି ଆଜିକାଲି (ଧର୍ମର) ଅବସ୍ଥା ତ ଆହୁରି ଭୟଙ୍କର ଅଟେ । ଆପଣ କୁହନ୍ତି ମୂଳ କଥା ଏହି ଯେ ସେହି ବୈଠକକୁ ଯିବା ଆସିବା କରୁଥିବା ବ୍ୟକ୍ତମାନେ ନିଷ୍ଠାର ସହ ଆସି ନଥାନ୍ତି ।

ସୁତରାଂ ଏହି ମୂଳ ଉଦ୍ଦେଶ୍ୟକୁ ପ୍ରତ୍ୟେକ ଯୋଗଦାନକାରୀ ବୁଝିବା ଉଚିତ୍ କି ଜଲସାରେ ନିଷ୍ଠାର ସହ ଯୋଗଦେଇ ପ୍ରତ୍ୟେକ କାର୍ଯ୍ୟକ୍ରମକୁ ଶୁଣିବା ଏବଂ ଏହି ନିୟତର ସହ ଶୁଣିବା କି ନିଜ ବାସ୍ତବିକ ଜୀବନରେ ତଦନୁଯାୟୀ ଅମଲ କରିବାକୁ ଚେଷ୍ଟା କରିବା । ଅହେମଦି ବିଦ୍ୱାନମାନଙ୍କ ଉପରେ ଅଲ୍ଲାଃଙ୍କର ଅଶେଷ କୃପା ଯେ, ସେମାନେ ହଜରତ ମସିହ ମଉଦ ଆ.ସଙ୍କ ପ୍ରଦତ ଶିକ୍ଷାରୁ ଉପକୃତ ହୋଇଥାନ୍ତି ଏବଂ ତାହାର ଅନୁଧ୍ୟାନ କରି ଅଲ୍ଲାଃ ଓ ରସୁଲଙ୍କ ବାର୍ତା ଆମ୍ଭ ନିକଟରେ ପହଂଚାଇଥାନ୍ତି । ଆଧ୍ୟାତ୍ମିକ ଓ ଜ୍ଞାନ ବର୍ଦ୍ଧକ ବିଷୟବସ୍ତୁ ଉପସ୍ଥାପନ କରିଥାନ୍ତି । ଯଦି ଆମେ ସେଥିରୁ ବାସ୍ତବରେ ଲାଭବାନ ହେବା ତେବେ ନିଜ ଜୀବନରେ ଏକ ପ୍ରକାର କ୍ରାନ୍ତି ଆଣିପାରିବା ।

ଅଲ୍ଲାଃତାଲା ଜଲସାରେ ଯୋଗଦାନକାରୀ ସମସ୍ତ ବ୍ୟକ୍ତିମାନଙ୍କୁ ଜଲସାର ଉଦ୍ଦେଶ୍ୟ ପୂରଣ କରିବାର ସାମର୍ଥ୍ୟ ପ୍ରଦାନ କରନ୍ତୁ ।

⌘⌘ ⌘⌘⌘⌘⌘⌘⌘⌘

ପୃଷ୍ଠା-୧୨ ର ଅବଶିଷ୍ଟାଂଶ.......

ଆସୁ । ସେ ଯେ କୌଣସି ଧର୍ମର ହୋଇଥାଉ ନା କାହିଁକି, ମଣିଷ ହିସାବରେ ଆମେ ଜଣେ ଅନ୍ୟକୁ ବୁଝିବା ଉଚିତ୍ । ଜଣେ ଅନ୍ୟ ଜଣକ କାର୍ଯ୍ୟରେ ଆସିବା ଉଚିତ୍ । ଜଣେ ଅନ୍ୟଜଣକ ଆବଶ୍ୟକତାକୁ ପୁରା କରିବା ଉଚିତ୍ । ଏହା ଅତ୍ୟନ୍ତ ଜରୁରୀ ବିଷୟ ଅଟେ । ଯଦି ଏହା ନାହିଁ ତେବେ ଉପାସନା କରିବାର କୌଣସି ଲାଭ ନାହିଁ ।

ସେଥିଯୋଗୁଁ ପବିତ୍ର କୋରାନ୍‌ରେ ଅଲ୍ଲାଃତାଲା ସ୍ପଷ୍ଟରୂପେ କହୁଛନ୍ତି ଯେ ଏପରି ଲୋକ ଯେଉଁମାନେ କେବଳ ମସ୍‌ଜିଦ୍‌କୁ ଆସୁଛନ୍ତି ବା ନମାଜ ପାଠ କରୁଛନ୍ତି ଏବଂ ନମାଜ ପଢ଼ିସାରି ଅନ୍ୟମାନଙ୍କୁ କଷ୍ଟ ପହଂଚାଉଛନ୍ତି, ସେମାନଙ୍କର କାମରେ ଆସୁନାହାଁନ୍ତି, ଅନାଥଙ୍କର ଖବର ନେଉନାହାଁନ୍ତି, ନିଜ ଲୋକଙ୍କର ସେବା କରୁନାହାଁନ୍ତି, ଗରିବଙ୍କୁ ସାହାଯ୍ୟ କରୁନାହାଁନ୍ତି ବା ବିଭିନ୍ନ ପ୍ରକାରର ଲୋକସେବା ମୂଳକ କାର୍ଯ୍ୟ କରୁନାହାଁନ୍ତି, ଶାନ୍ତି, ପ୍ରେମ, ସଲାମତି କୁ ପ୍ରସାର କରୁନାହାଁନ୍ତି ସେମାନଙ୍କ ନମାଜ ଗ୍ରହଣୀୟ ହେବନାହିଁ । ବରଂ ତାହା ସେମାନଙ୍କ ପାଇଁ ପାପରେ ପରିଣତ ହୋଇଯାଏ । ତେଣୁ ପବିତ୍ର କୋରାନ୍ ଆମକୁ ଏ ନିର୍ଦ୍ଦେଶ ଦେଉଛି ଯେ ତୁମମାନଙ୍କୁ ଲୋକସେବାର କାର୍ଯ୍ୟ କରିବାକୁ ହେବ । ସେହି କାରଣ ଯୋଗୁଁ ଯମାତ୍ ଅହେମଦୀୟା ମୁସଲିମା, ଯିଏ ବାସ୍ତବିକ ଇସ୍‌ଲାମୀୟ ଶିକ୍ଷା ଉପରେ ଅମଳ କରୁଛନ୍ତି ସେମାନେ ଲୋକଙ୍କ ସେବା କାର୍ଯ୍ୟରେ ବଢ଼ି ଚଢ଼ି ଭାଗ ନେଉଛନ୍ତି ।

ଲର୍ଡ଼ ମେୟର୍ ଏଠି ନିଜ ଭାଷଣରେ ୟୁନିଭର୍‌ସିଟିର କଥା କହିଲେ । ଯେଉଁଠି ଶିକ୍ଷାର ପ୍ରଶ୍ନ ଉଠେ ଯମାତ୍ ଅହେମଦୀୟା ଶିକ୍ଷାର ପ୍ରସାର ପାଇଁ ମଧ୍ୟ ଦୁନିଆର ଗରୀବ ଦେଶମାନଙ୍କରେ ବଡ଼ ଧରଣର ଭୂମିକା ନିର୍ବାହ କରିବା ପାଇଁ ଚେଷ୍ଟା ଚଳାଇଛି । ମୁଁ ଯମାତ ଅହେମଦୀୟା କିପରି ଶିକ୍ଷାକୁ ପ୍ରସାର କରୁଅଛି କହିବା ପୂର୍ବରୁ ମହିଳାମାନଙ୍କ ସମ୍ବନ୍ଧରେ ଗୋଟିଏ କଥା ଜଣେଇବାକୁ ଚାହୁଁଛି । କାରଣ ଏଠାରେ ମୁଁ ବହୁତ ସଂଖ୍ୟାରେ ମହିଳାମାନଙ୍କୁ ସଭାରେ ବସିଥିବାର ଦେଖୁଛି । ଯମାତ୍ ଅହେମଦୀୟାରେ ପୁରୁଷଙ୍କ ଅପେକ୍ଷା ମହିଳାମାନେ ଅଧିକ ଶିକ୍ଷିତା । ସେମାନେ ୟୁନିଭର୍‌ସିଟିରେ ମଧ୍ୟ ଶିକ୍ଷା ଗ୍ରହଣ କରୁଛନ୍ତି । ବିଭିନ୍ନ ଧନ୍ଦାମୂଳକ କାର୍ଯ୍ୟପାଇଁ ଧନ୍ଦାମୂଳକ ଶିକ୍ଷା ହାସଲ କରୁଛନ୍ତି । ଏହା ଏଥିପାଇଁ ହେଉଛି ଯେ ଜଣେ ମହିଳା ଯଦି ଶିକ୍ଷା ହାସଲ କରନ୍ତି ତେବେ ତାଙ୍କର ଶିକ୍ଷା କେବଳ ତାଙ୍କ ନିଜ ଭିତରେ ସିମୀତ ରହେନାହିଁ । ନିଶ୍ଚିତରୂପେ ପ୍ରତ୍ୟେକ ପୁରୁଷ ଓ ମହିଳା ଯେଉଁ ଶିକ୍ଷା ଗ୍ରହଣ କରୁଛନ୍ତି ତାକୁ ପ୍ରସାର ମଧ୍ୟ କରୁଛନ୍ତି । ଏହି ଶିକ୍ଷା ଅର୍ଜନ କରି ସେ କୌଣସି ନା କୌଣସି ପ୍ରକାରରେ ଦେଶ ଓ ଜାତିର ସେବା କରୁଛନ୍ତି । କିନ୍ତୁ ଜଣେ ମହିଳାକୁ ଶିକ୍ଷା ଅର୍ଜନ ପରେ ପୁରୁଷ ଉପରେ ଅଗ୍ରାଧିକାର ଅଛି ଯେ ସେ ନିଜ ପିଲାଙ୍କୁ ମଧ୍ୟ ପାଉଛନ୍ତି । ସେଥିପାଇଁ ଇସ୍‌ଲାମ୍‌ର ପ୍ରତିଷ୍ଠାତା ହଜ୍‌ରତ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସ କହିଛନ୍ତି ଯେ ସ୍ୱର୍ଗ ମହିଳାମାନଙ୍କ ପାଦତଳେ ଅଛି । ସ୍ୱର୍ଗ ମହିଳାମାନଙ୍କ ପାଦତଳେ ଏଥିପାଇଁ ଅଛି ଯେ ଜଣେ ସ୍ତ୍ରୀ ନିଜ ପିଲାମାନଙ୍କ ଭଲ ଶିକ୍ଷା ଦିଏ, ଶିକ୍ଷା ହାସଲ କରବା ପରେ ଆଗକୁ ନିଜର ପିଲାମାନଙ୍କୁ ମଧ୍ୟ ଭଲ ସଂସ୍କାର ଦିଏ ଏବଂ ତାଙ୍କୁ ଉତମ ନାଗରିକ ରୂପେ ଗଢ଼ି ତୋଳେ । ସେମାନଙ୍କୁ ଦେଶ ଓ ଜାତି ପାଇଁ ଉପକରଣ ରୂପେ ନିର୍ମାଣ କରାନ୍ତି । ଏହିପରି ସେମାନେ ନିଜର ପିଲାମାନଙ୍କୁ ସ୍ୱର୍ଗକୁ ନେବାର କାରଣ ହୁଅନ୍ତି । ଇସ୍‌ଲାମ୍‌ରେ ଜନ୍ନତ୍‌ର ଅବସ୍ଥିତି ଦୁଇ ପ୍ରକାରର ବର୍ଣ୍ଣନା କରାଯାଇଛି । ଏ ସଂସାରରେ ଗୋଟିଏ ଜନ୍ନତ୍ ଏବଂ ମରିବା ପରେ ଆଉ ଗୋଟିଏ ଜନ୍ନତ୍ । ଏ ସଂସାରର ଜନ୍ନତ୍ ଏହିଠାରୁ ହିଁ ଆରମ୍ଭ ହୋଇଯାଇଥାଏ । ଯେତେବେଳେ ଜଣେ ଶିକ୍ଷା ମୁତାବକ ଅମଳ କରେ, ଉତମ ଚରିତ୍ର ଗଠନ କରେ, ଯେଉଁଠି ସେ ଅଲ୍ଲାଃତାଲାଙ୍କର ଉପାସନା କରିଥାଏ । ସେଠାରେ ସେ ଅନ୍ୟ ଭାଇମାନଙ୍କର ଅନ୍ୟ ଭାଇମାନଙ୍କ ଓ ଅନ୍ୟ ଲୋକମାନଙ୍କ ସହିତ ପ୍ରେମ ଓ ଶ୍ରଦ୍ଧା କରିଥାଏ ଏବଂ ଅମନ ଓ ଶାନ୍ତିକୁ ପ୍ରସାର କରିଥାଏ । ନିଶ୍ଚିତ ରୂପେ ସେ ବ୍ୟକ୍ତି ଯିଏ ଅମନ ଏବଂ ଶାନ୍ତିକୁ ପ୍ରସାର କରେ ସେ ନିଜେ ନିଜକୁ ସୁରକ୍ଷିତ କରି ନେଇଥାଏ । ଯେପରିକି ସେ ଜନ୍ନତ୍ ଭିତରେ ଅଛି । ସେହିପରି ସେ ଅନ୍ୟମାନଙ୍କ ପାଇଁ ମଧ୍ୟ ଏ ସଂସାରରେ ଜନ୍ନତ୍‌ର ମାଧ୍ୟମ ହୋଇଯାଏ ।

ଗୋଟିଏ ପଟେ ଆମେ ଆତଙ୍କବାଦକୁ ଦେଖୁଅଛେ, ଯେଉଁମାନେ ଆତଙ୍କ ସୃଷ୍ଟି କରି ଚାଲିଛନ୍ତି । ନିରୀହ ଲୋକମାନଙ୍କୁ କ୍ଲବ୍ ଭିତରେ ପଶି ବନ୍ଧୁକ ଚଳାଇ ହତ୍ୟା କରୁଛନ୍ତି । ଆତ୍ମଘାତି ବୋମା ଦ୍ୱାରା ହତ୍ୟା କରୁଛନ୍ତି ବା ଅନ୍ୟ କୌଣସି ଯାଗାରେ ଫିତ୍‌ନା ଫସାଦ୍ (ଅଶାନ୍ତି ଅରାଜକତା) ସୃଷ୍ଟି କରୁଛନ୍ତି । ମୁସଲମାନ ଦେଶଗୁଡିକରେ ମଧ୍ୟ ଆମେ ଦେଖୁଅଛେ ଯେ ମୁସଲ୍‌ମାନମାନେ ମୁସଲ୍‌ମାନଙ୍କୁ ହିଁ ହତ୍ୟା କରୁଛନ୍ତି । ପାଶ୍ଚାତ୍ୟ ଦେଶଗୁଡିକରେ ମଧ୍ୟ ହତ୍ୟାକାଣ୍ଡ ଭିଆଉଛନ୍ତି । ଅଲ୍ଲାଃତାଲା ଏ ଦୁନିଆକୁ ଏକ ଜନ୍ନତ୍ ରୂପେ ତିଆରି କରିଥିଲା । କିନ୍ତୁ ଏ ଲୋକମାନେ ତାକୁ ଜହନ୍ନମ (ନର୍କ) ରେ ପରିଣତ କରିଚାଲିଛନ୍ତି । ସେଥିଯୋଗୁ ସେମାନେ କଦାପି ପ୍ରଶଂସିତ ହେବେନାହିଁ । ଅନ୍ୟପଟେ ଭଲ ମୁସଲ୍‌ମାନ ଏବଂ ଭଲ ଲୋକମାନେ ମଧ୍ୟ ଅଛନ୍ତି । ସେମାନେ ଇସାଇ ହୁଅନ୍ତୁ ବା ୟହୁଦି ହୁଅନ୍ତୁ ବା ଅନ୍ୟ କୌଣସି ଧର୍ମର ହୁଅନ୍ତୁ ନା କାହିଁକି, ନିଜ ନିଜ ପରିସରରେ ଅମନ, ଶାନ୍ତି, ପ୍ରେମ ଓ ସୌହାର୍ଦ୍ଦ୍ୟକୁ ପ୍ରସାର କରିଚାଲିଛନ୍ତି । ଏଥିଯୋଗୁଁ ସେମାନେ ଏ ସଂସାରକୁ ଜନ୍ନତ୍‌ରେ ପରିଣତ କରିଚାଲିଛନ୍ତି । ଯେଉଁ ଲୋକମାନେ ମାନବ ସେବା କରିଚାଲିଛନ୍ତି ସେମାନେ ଏ ସଂସାରକୁ ସ୍ୱର୍ଗରେ ପରିଣତ କରିଛନ୍ତି । ସୋମନଙ୍କ ପାଇଁ ଅଲ୍ଲାଃତାଲା କହୁଛନ୍ତି ଯେ ମୁଁ ସେମାନଙ୍କର ଉପାସନାକୁ ଗ୍ରହଣ କରୁଅଛି । ଏବଂ ଏହି ଉପାସନା ହିଁ ପରକାଳରେ ମନୁଷ୍ୟକୁ ଜନ୍ନତ୍‌ର ଅଧିକାରୀ କରାଏ । ଯେପରିକି ମୁଁ କହିସାରିଛି ଯେ ଏହି ଉପାସନା ମନୁଷ୍ୟ ଜାତିର ସେବା ବିନା ଆମେ କରିପାରିବା ନାହିଁ ।

ସେହି ଉପାସନା ଗୁଡିକ ଲାଭହୀନ ଅଟେ, ଯେଉଁଥିରେ ମନୁଷ୍ୟ ପ୍ରତି ସହାନୁଭୂତି, ସମ୍ବେଦନା ଓ ପ୍ରେମ ନଥାଏ । ସୁତରାଂ ଏହି ଦୁନିଆରେ ଜନ୍ନତ କରାଇବାରେ ବାସ୍ତବିକ ରୂପେ ସେହି ଲୋକମାନେ ଅଟନ୍ତି ଯେଉଁମାନେ ଶାନ୍ତିପ୍ରିୟ ଓ ପ୍ରେମ ସୌହାର୍ଦ୍ଦ୍ୟକୁ ପ୍ରସାର କରିଚାଲିଛନ୍ତି । ଏବଂ ପରକାଳରେ ମଧ୍ୟ ଏହି ଲୋକମାନେ ଜନ୍ନତ୍‌କୁ ଯିବେ ।

ଯମାତ୍ ଅହେମଦୀୟାର ପ୍ରତିଷ୍ଠାତା କହୁଛନ୍ତି ଯେ ମୁଁ ଦୁଇଟି ବଡ଼ ଉଦ୍ଦେଶ୍ୟ ପାଇଁ ଆସିଅଛି । ପ୍ରଥମଟି ହେଉଛି ମନୁଷ୍ୟ ନିଜର ଖୁଦା (ପ୍ରଭୁ) ଙ୍କୁ ଜାଣିନାହୁଁ ଏବଂ ତାର ଉପାସନା କରୁ ଏବଂ ତାର ଅଧିକାରକୁ ପ୍ରଦାନ କରୁ । ଦ୍ୱିତୀୟଟି ହେଉଛି ମନୁଷ୍ୟ ପ୍ରତ୍ୟେକ ମନୁଷ୍ୟର ସମ୍ମାନ କରୁ ଏବଂ ତାର ଅଧିକାର ତାକୁ ପ୍ରଦାନ କରୁ ।

ମୋତେ ଜଣେ ପଚାରିଲେ ଯେ ଶାନ୍ତି ଏବଂ ସଲାମତି ଏ ଦୁନିଆରେ କିପରି ପ୍ରତିଷ୍ଠା ହୋଇପାରିବ ? ଏହାର ଉତରରେ ମୁଁ ତାଙ୍କୁ କହିଲି ଯଦି ପ୍ରକୃତ ଶାନ୍ତି ଓ ସଲାମତି ପ୍ରତିଷ୍ଠା କରିବାକୁ ଚାହଁ ତେବେ ତା ପାଇଁ ଏହା ଜରୁରୀ ଅଟେ ଯେ ନିଜ ହକ୍‌କୁ ନେବା ପରିବର୍ତେ ଅନ୍ୟମାନଙ୍କର ହକ୍‌କୁ ଦେବାପାଇଁ ଚେଷ୍ଟା କର । ଯେତେବେଳେ ଆମେ ଅନ୍ୟମାନଙ୍କର ଅଧିକାରକୁ ସେମାନଙ୍କୁ ଦେବାପାଇଁ ଚେଷ୍ଟା କରିବା ତେବେ ଯାଇ ଆମେ ପ୍ରକୃତ ପ୍ରେମ ପ୍ରସାର କରିପାରିବା । ସୁତରାଂ ଏହା ହିଁ ହେଉଛି ଯମାତ୍ ଅହେମଦୀୟା ମୁସ୍‌ଲିମାର ଉପାସନା ଓ ମାନବସେବା ନିମନ୍ତେ ଦୃଷ୍ଟିକୋଣ ।

ଏଠାକୁ ଏମ୍.ଟି ସାହିବା ଆସିଥିଲେ ସେ ମଧ୍ୟ ଉଦାରବାଦ ଓ ଭାଇଚାରା ସମ୍ପର୍କରେ କହିଲେ । ନିଶ୍ଚିତ ରୂପେ ଭାଇଚାରା ଏକ ବଡ଼ ଗୁରୁତ୍ୱପୂର୍ଣ୍ଣ ବିଷୟ ଅଟେ । ପ୍ରଥମେ ମୁଁ କହିସାରିଛି ଯେ ଉଦାରତା ଓ ଭାଇଚାରା ଦ୍ୱାରା ହିଁ ଆମେ ଜଣେ ଅନ୍ୟଜଣକର ଧ୍ୟାନ ରଖିପାରିବା ଏବଂ ଆପୋଷରେ ମିଳିମିଶି ରହିପାରିବା । ଦୁନିଆରେ ବିଭିନ୍ନ ଧର୍ମ ଅଛନ୍ତି । ମୁସଲ୍‌ମାନ, ଇସାଇ ଓ ୟହୁଦୀ ଇତ୍ୟାଦି । ଆମେ ବାସ୍ତବିକ ମୁସଲ୍‌ମାନ ମାନେ ଏହା ବିଶ୍ୱାସ ରଖୁଅଛୁ ଯେ ପ୍ରତ୍ୟେକ ଧର୍ମର ପ୍ରତିଷ୍ଠାତା ଓ ଅବତାରମାନେ ସତ୍ୟବାଦୀ ଥିଲେ । ଆମ୍ଭେ ହଜ୍‌ରତ୍ ଆଦମ୍ ଆ:ସ ଙ୍କ ଠାରୁ ନେଇ ହଜ୍‌ରତ୍ ମହମ୍ମଦ୍ ସ:ଆ:ସ ଙ୍କ ପର୍ଯ୍ୟନ୍ତ ଆସିଥିବା ସମସ୍ତ ନବୀ ଓ ଧର୍ମ ପ୍ରତିଷ୍ଠାତାଙ୍କ ଉପରେ ଇମାନ୍ ଆଣୁଛୁ । ଏହା ବିଶ୍ୱାସ କରୁଛୁ ଯେ ଏହା ହିଁ ଇସଲାମ୍‌ର ପ୍ରକୃତ ଶିକ୍ଷା ଏବଂ ଏହି ଶିକ୍ଷା ଦ୍ୱାରା ହିଁ ଭାଇଚାରା ବଢ଼ିଥାଏ । କୌଣସି ପ୍ରକୃତ ମୁସଲ୍‌ମାନ୍ ଏହା କହିପାରିବ ନାହିଁ ଯେ ମୁଁ ଅମୁକ ଧର୍ମ ଉପରେ ବିଶ୍ୱାସ କରିଥିବା ଲୋକଙ୍କୁ ମାନୁନାହିଁ ବୋଲି ବା ତାଙ୍କର ପ୍ରତିଷ୍ଠାତା ମିଥ୍ୟାବାଦୀ ବୋଲି ବା ତାଙ୍କ ବିରୋଧରେ କୌଣସି ଖରାପ କଥା କହିବି । ଅଲ୍ଲାଃତାଲା ପବିତ୍ର କୋରାନ୍‌ରେ ଏହା କହିଛନ୍ତି ଯେ ତୁମେ ମୂର୍ତି ପୂଜା କରୁଥିବା ଲୋକମାନଙ୍କର ମୂର୍ତିକୁ ମଧ୍ୟ କିଛି ଖରାପ କୁହନାହିଁ । କାରଣ ଏହାର ପ୍ରତିବଦଳରେ ସେମାନେ ତୁମର ଖୁଦାଙ୍କୁ ମଧ୍ୟ ଖରାପ କହିବେ । ଯେତେବେଳେ ସେମାନେ ତୁମର ଖୁଦାଙ୍କୁ ଖରାପ କହିବେ ସେତେବେଳେ ତୁମ ମନ ଦୁଃଖ ହେବ ଓ ମନ ମାଳିନ୍ୟତା ସୃଷ୍ଟି

ହେବ । ଫଳତଃ ଜଣେ ଅନ୍ୟ ଜଣଙ୍କ ବିରୋଧରେ କାର୍ଯ୍ୟ କରିବା ପାଇଁ ଚେଷ୍ଟା କରିବ ଏବଂ କ୍ଷତି ପହଂଚାଇବା ପାଇଁ ମଧ୍ୟ ଚେଷ୍ଟା କରିବ । ଏହିପରି ପ୍ରେମ ଜନ୍ମିବା ପରିବର୍ତ୍ତେ ଘୃଣାଭାବ ଜନ୍ମହେବ । ତେଣୁ ଜଣେ ପ୍ରକୃତ ମୁସଲମାନର କାମ ହେଉଛି ଯେଉଁଠି ସେ ଅନ୍ୟ ଧର୍ମର ଲୋକମାନଙ୍କୁ ସମ୍ମାନ ଦେବ ସେଠି ସେମାନଙ୍କର ସମସ୍ତ ଅବତାରମାନଙ୍କ ଉପରେ ମଧ୍ୟ ବିଶ୍ୱାସ ଆଣିବ । ସେଠି ଏକଥା ମଧ୍ୟ ମନେରଖିବା ଉଚିତ୍ ଯେ କାହାର ମୂର୍ତ୍ତୀକୁ ମଧ୍ୟ ଖରାପ ନ କୁହନ୍ତୁ ଯାହାଙ୍କୁ ଖୁଦାଙ୍କର ସମକକ୍ଷ ରୂପେ ଉପସ୍ଥାପନ କରାଯାଉଛି । କାରଣ ଏହାଦ୍ୱାରା ମଧ୍ୟ ଫସାଦ୍ (ଅଶାନ୍ତି) ସୃଷ୍ଟି ହୋଇଥାଏ । ଏହା ହେଉଛି ବାସ୍ତବିକ ଇସ୍‌ଲାମୀୟ ଶିକ୍ଷା, ଯେଉଁଥିରେ ପ୍ରେମ, ଶାନ୍ତି ଓ ସୌହାର୍ଦ୍ଦ୍ୟ ବଢ଼ିଥାଏ । ମତ ଭିନ୍ନ ଭିନ୍ନ ହୋଇପାରେ, ଧର୍ମର ବିଭିନ୍ନତା ହୋଇପାରେ । ଅଲ୍ଲାଃତାଲା ପବିତ୍ର କୋରାନ୍‌ରେ କହୁଛନ୍ତି-ଧର୍ମ ସମ୍ବନ୍ଧରେ କୌଣସି ବାଧ୍ୟ ବାଧ୍ୟକତା ନାହିଁ ।...

ଯେପରିକି ମୁଁ ଉପରେ ଚର୍ଚ୍ଚା କରିଚାଲିଛି ଯେ ଅଲ୍ଲାଃତାଲା ସ୍ପଷ୍ଟ ରୂପେ ପବିତ୍ର କୋରାନ୍‌ରେ କହୁଛନ୍ତି ଯେ ତୁମେ ପ୍ରତ୍ୟେକ ଅବତାରଙ୍କ ଉପରେ ବିଶ୍ୱାସ ଆଣ । ତେଣୁ ଯେବେ ଆମେ ଏହା ଉପରେ ବିଶ୍ୱାସ ଆଣିବା ତେବେ ଅନ୍ୟାନ୍ୟ ଧର୍ମଗୁଡିକ କଦାପି ଆମ ଭିତରେ କୌଣସି ପ୍ରକାରର ଘୃଣାଭାବ ସୃଷ୍ଟି ହେବନାହିଁ । ଲୋକମାନେ କୁହନ୍ତି ଯେ ଇସ୍‌ଲାମ୍ ଏକ ବହୁତ ବଡ଼ ସନ୍ତ୍ରାସବାଦୀ ଧର୍ମ ଅଟେ, ଆତଙ୍କବାଦୀର ଧର୍ମ ଅଟେ । ବାସ୍ତବରେ ଏହା ଇସ୍‌ଲାମ୍‌ର ପ୍ରକୃତ ଶିକ୍ଷା ନୁହେଁ । ଯେଉଁମାନେ ଏପରି କାର୍ଯ୍ୟ କରୁଛନ୍ତି ସେମାନେ ନା ତ ଇସ୍‌ଲାମ୍‌କୁ ଜାଣିଛନ୍ତି ନା ବୁଝିଛନ୍ତି ନା ତା ଉପରେ ଅମଳ କରିଛନ୍ତି । ପଛ ବର୍ଷର ଗୋଟିଏ କଥା ଜଣେ ଫ୍ରେନ୍‌ଚ୍ ଜର୍ନାଲିଷ୍ଟ୍ ଦାଇଶ ଇଲାକାରେ ପହଂଚି କିଛି ଲୋକମାନଙ୍କୁ ପଚାରିଲେ ଅର୍ଥାତ୍ ସେଠିକାର ଦାଇଶ୍‌ର ମେମ୍ବରମାନଙ୍କୁ ଯେ ତୁମେମାନେ ଯେଉଁ ଅତ୍ୟାଚାର କରିଚାଲିଛ ଏହା କଣ କୋରାନ୍‌ର ଶିକ୍ଷା ଅଟେ ? ସେମାନଙ୍କ ଭିତରୁ ଅଧିକାଂଶ ଲୋକେ କହିଲେ ନା ଆମେ ଏହା କୋରାନ୍‌ରେ ପଢ଼ିଛୁ ନା ଆମକୁ ଜଣା ଅଛି ଯେ ପ୍ରକୃତ ଶିକ୍ଷା କଣ ବୋଲି । ଆମେ ତ କେବଳ ଏତିକି ଜାଣିଛୁ ଯେ ଯାହା ଆମ ଲିଡର୍‌ମାନେ ଆମକୁ କହୁଛନ୍ତି ତାହା ଆମେ କରିବୁ । ସେହିପରି ମୁଣ୍ଡକାଟ୍ କରିବା ବା ହତ୍ୟା କରିବା ବା ନିରୀହ ଲୋକମାନଙ୍କୁ ହତ୍ୟା କରବା ଇତ୍ୟାଦି ଇସ୍‌ଲାମୀୟ ଶିକ୍ଷା ନୁହେଁ । ବରଂ ଏହା ସେମାନଙ୍କର ନିଜର କାର୍ଯ୍ୟକଳାପ, ଯାହାକୁ ସେମାନେ ତାଙ୍କ ଲିଡର୍‌ମାନଙ୍କ ନିର୍ଦ୍ଦେଶ ଅନୁସାରେ କରିଚାଲିଛନ୍ତି । ତେଣୁ ଏପରି ଶିକ୍ଷା ଇସ୍‌ଲାମ୍ କଦାପି ଦେଇପାରିବ ନାହିଁ । ଏକ ଲମ୍ବା ସମୟ ପର୍ଯ୍ୟନ୍ତ ଅତ୍ୟାଚାର ସହିବା ପରେ ଇସ୍‌ଲାମର ପ୍ରତିଷ୍ଠାତା ହଜ୍‌ରତ୍ ମହମ୍ମଦ୍ ସ:ଆ:ସ ଙ୍କୁ ମକାରୁ ହିଜରତ୍ (Migration) କରି ମଦିନା ଆସିବାକୁ ପଡ଼ିଲା । ଏବଂ ସଠିକ୍ ଇତିହାସ ଏହା କହୁଛି ଯେ ସେଠାରେ କାଫିର (ଅମାନ୍ୟକାରୀ) ମାନେ ଆପଣଙ୍କ ଉପରେ ଚଢ଼ଉ କଲେ । ସେହି ସମୟରେ ଅଲ୍ଲାଃତାଲା ଯୁଦ୍ଧ କରିବା ପାଇଁ ଯେଉଁ ଅନୁମତି ଦେଇଥିଲେ ତାହା ପବିତ୍ର କୋରାନ୍‌ରେ ବହୁତ ସ୍ପଷ୍ଟ ଶବ୍ଦରେ ବର୍ଣ୍ଣିତ ଅଛି । ତାହା ହେଉଛି ଯଦି ସେହି ଅତ୍ୟାଚାରୀମାନଙ୍କ ହାତକୁ ରୋକା ନଯିବ ତେବେ ନା କୌଣସି ଚର୍ଚ୍ଚ ବାକି ରହିବ ନା କୌଣସି ସିନାଗାଗ ନା କୌଣସି ମନ୍ଦିର ନା କୌଣସି ମସଜିଦ୍ ବାକି ରହିବ । ଯେଉଁଠାରେ ଖୁଦାଙ୍କ ନାମ ନିଆଯାଏ ଏବଂ ଲୋକମାନେ ଉପାସନା କରନ୍ତି । ସୁତରାଂ ଏହା ହେଉଛି ପ୍ରକୃତ ଇସ୍‌ଲାମ୍‌ର ଦୃଷ୍ଟିକୋଣ । ଅନ୍ୟ ଧର୍ମର ଲୋକମାନଙ୍କ ସହିତ ମିଳିମିଶି ରହିବାର ଶିକ୍ଷା । ଏହି କାରଣ ଯୋଗୁଁ ଯେଉଁଠି ଆମର ମସ୍‌ଜିଦ୍ ଅଛି ସେଠାରେ ଆମେ ଅଲ୍ଲାଃଙ୍କ ଦୟାରୁ ଇସ୍‌ଲାମ୍‌ର ପ୍ରକୃତ ଶିକ୍ଷାକୁ ପ୍ରସାର କରିଚାଲିଛୁ । ବରଂ ମୁଁ ଏହା ସର୍ବଦା କହୁଛି ଏବଂ ଏହା ଆମର କର୍ଜ ଅଟେ ଯେ ଯେଉଁମାନେ ପବିତ୍ର କୋରାନ୍‌ର ଏହି ଆୟତ ମୁତାବକ ଧର୍ମକୁ ନିଃଶେଷ କରିବାକୁ ଚାହୁଁଛନ୍ତି ଯଦି ଆମେ ତାଙ୍କ ହାତକୁ ନ ରୋକିବା ସେମାନେ ସବୁ ଧର୍ମକୁ ଶେଷ କରିଦେବେ । ଏହି ଆୟତ ଆମକୁ ଏହା ଧ୍ୟାନ ଆକର୍ଷଣ କରାଉଛି ଯେ ପ୍ରତ୍ୟେକ ଅହେମଦୀ ଯେଉଁଠି ନିଜ ମସ୍‌ଜିଦ୍‌କୁ ସୁରକ୍ଷା ଦେବେ ସେଠାରେ ଚର୍ଚ୍ଚ, ସିନାଗାଗ ଓ ଅନ୍ୟାନ୍ୟ ଧର୍ମର ଉପାସନା ପୀଠର ମଧ୍ୟ ସୁରକ୍ଷା କରିବେ । ସୁତରାଂ ଏହି ହିଁ ସୁନ୍ଦର ଶିକ୍ଷା ଓ ଇସ୍‌ଲାମୀୟ ଦୃଷ୍ଟିକୋଣ ଯାହାର ଅନ୍ତର୍ଗତ ଆମେ ମସ୍‌ଜିଦ୍ ନିର୍ମାଣ କରୁଅଛୁ । କାରଣ ମସ୍‌ଜିଦ୍ ତିଆରି କରିବା ପରେ ଆମ ପାଇଁ ଯେପରି ନିଜ ମସ୍‌ଜିଦ୍‌ର ସୁରକ୍ଷା ଓ ସଫାସୁତରା ରଖିବା ପାଇଁ ଓ ତାର ପରିବେଷକୁ ପବିତ୍ର ରଖିବା ପାଇଁ ଧାର୍ଯ୍ୟ କରାଯାଇଛି ସେହିପରି ଆମ ଉପରେ ଏହା ମଧ୍ୟ ଧାର୍ଯ୍ୟ କରାଯାଇଛି ଯେ ଆମ ପରିବେଶରେ ଯଦି ଅନ୍ୟ ଧର୍ମମାନଙ୍କର ଉପାସନା ପୀଠ ଅଛି ତେବେ ତାର ମଧ୍ୟ ସୁରକ୍ଷା କରିବା ଏବଂ ତାର ପରିବେଷକୁ ସଫା ସୁତରା ରଖିବା ପାଇଁ ଚେଷ୍ଟା କରିବା ।

ନ୍ୟାସିନାଲ୍ ଆସେମ୍ବ୍‌ଲିର ମେମ୍ବର୍ ସାହେବ୍ ନିଜର ଭାବନାକୁ ପ୍ରକାଶ କରି ଯାହା କହିଲେ ଏ ବାବଦରେ ମୁଁ ମଧ୍ୟ କିଛି କହିବାକୁ ଚାହୁଁଛି । ଏହା ବହୁତ ଭଲ କଥା ଯେ ସବୁ ବକ୍ତାମାନେ ଏହା ପ୍ରକାଶ କଲେ କି ଅହେମଦୀମାନେ ଏ ସୋସାଇଟିର ଗୋଟିଏ ଏପରି ଅଂଶ ହୋଇଯାଇଛନ୍ତି ଯେଉଁମାନେ ଏକ ପ୍ରକାର ଏ ଜାତି ପାଇଁ ମଜ୍‌ବୁତ୍ ଅଂଶ ଅଟନ୍ତି । ଇଂଟିଗ୍ରେଟ୍ ହୋଇସାରିଛନ୍ତି । ଏଥିରେ ସାମିଲ୍ ହୋଇସାରିଛନ୍ତି । ସୁତରାଂ ଏହା ଏକ ବିଶେଷତା ଯାହା ଜଣେ ଅହେମଦୀକୁ ହେବା ଉଚିତ୍ । ଯଦି ଏପରି ନୁହେଁ ତେବେ ତାର ଅର୍ଥ ହେଉଛି ଯେ ସେ ଅହେମଦୀମାନେ ଇସ୍‌ଲାମ୍‌ର ପ୍ରକୃତ ଶିକ୍ଷା ଉପରେ ଅମଳ କରୁନାହାଁନ୍ତି । ଜର୍ମାନୀର ନାଗରିକତା ମିଳିବା ପରେ ସେ ପାକିସ୍ତାନ୍‌ରୁ ଆସିଥିବା ଜଣେ ଅହେମଦୀ ହେଉ ବା ଆଫ୍ରିକାରୁ ଆସିଥିବା ଜଣେ ଅହେମଦୀ ହେଉ ବା କୌଣସି ଅନ୍ୟ ଦେଶରୁ ଆସିଥିବା ଅହେମଦୀ ହୁଅନ୍ତୁ । ଯଦି ସେ ଜର୍ମାନୀର ନାଗରିକ ତେବେ ତା ଉପରେ ଏହା ଧାର୍ଯ୍ୟ ଅଟେ ଯେ ସେ ଏହି ଦେଶପ୍ରତି ନିଷ୍ଠାବାନ୍ ହେଉ । ତାର ପୁରୁଣା ନାଗରିକତା ଶେଷ ହୋଇସାରିଛି । ଏବେ ସେ ଜର୍ମାନୀର ନାଗରିକ ଅଟେ । ଏବଂ ଏଠିକାର ପାକିସ୍ତାନୀ ଅହେମଦୀ ଯେଉଁମାନେ ପାକିସ୍ତାନ୍‌ରୁ ହିଜ୍‌ରତ୍ କରି ଆସିଛନ୍ତି ଏବେ ସେମାନେ ଜର୍ମାନୀର ନାଗରିକ । ତେଣୁ ତାଙ୍କ ଉପରେ ଏଥିପାଇଁ ଧାର୍ଯ୍ୟ ଯେ ଇସ୍‌ଲାମ୍‌ର ପ୍ରତିଷ୍ଠାତା ସ:ଆ:ସ କହିଛନ୍ତି ଯେ ଦେଶପ୍ରେମ ହେଉଛି ଇମାନ୍‌ର ଏକ ଅଂଶ । ତେଣୁ ଆମ ଇମାନ୍ ଏହା ଚାହୁଁଛି ଯେ ଯେଉଁଯେଉଁ ଦେଶରେ ଆମେ ବସବାସ କରୁଛେ ସେଠାରେ ଆମେ ତା ସହିତ ପ୍ରେମ କରିବା ଏବଂ ତାର ଉନ୍ନତି ନିମନ୍ତେ କାର୍ଯ୍ୟ କରିବା । ଏବଂ ସେଠିକାର ଲୋକମାନଙ୍କ ମଧ୍ୟରେ ପ୍ରେମ, ଅମନ ଓ ଶାନ୍ତିର ବାର୍ତ୍ତା ପହଂଚାଇବା ଓ ପ୍ରସାର କରିବା । ସୁତରାଂ ଏହି କଥାଗୁଡିକ ଏପରି ଯଦି ତା ଉପରେ ଅମଳ କରାଯିବ ତେବେ ଏହା କଦାପି ହୋଇନପାରେ ଯେ ତାହାକୁ ଇସ୍‌ଲାମ୍ ପ୍ରତି ଭୟ ସୃଷ୍ଟି ହେବ । ଏଣୁ ଆମ୍ଭେ ଅହେମଦୀମାନେ ଏହା ଚେଷ୍ଟା କରୁଅଛୁ ଯେ ଏହି ଶିକ୍ଷା ଉପରେ ଯେଉଁଠି ଆମେ ଅଧିକରୁ ଅଧିକ ଅମଳ କରିବୁ ସେଠି ଆମେ ସଂସାରକୁ ମଧ୍ୟ ବତାଇବୁ ଯେ ଏହା ହେଉଛି ସେହି ଶିକ୍ଷା ଯାହା ବାସ୍ତବିକ ଶିକ୍ଷା ଅଟେ । ଏବଂ ଆମଠାରୁ ଅନ୍ୟମାନଙ୍କ ପାଇଁ ପ୍ରେମ, ଭାଇଚାରା ବ୍ୟତୀତ ଆଉକିଛି ମିଳିବ ନାହିଁ ବା ଆମ ଭିତରେ ଏହି ବିଷୟ ଛଡ଼ା ଆଉକିଛି ଦୃଷ୍ଟିଗୋଚର ହେବନାହିଁ । ମସ୍‌ଜିଦ୍ ନିର୍ମାଣ ହୋଇସାରିବା ପରେ ଆପଣମାନେ ଦେଖିବେ ଯେ ଏଠିକାର ଅହେମଦୀ ବାସିନ୍ଦାମାନେ ପୂର୍ବାପେକ୍ଷା ଅଧିକା ଲୋକମାନଙ୍କର ଅଧିକାରକୁ ପ୍ରଦାନ କରିବେ । କାରଣ ଏହା ମଧ୍ୟ ଇସ୍‌ଲାମ୍‌ର ପ୍ରତିଷ୍ଠାତା ସ:ଆ:ସ କହିଛନ୍ତି ଏବଂ ପବିତ୍ର କୋରାନ୍‌ରେ ମଧ୍ୟ ଏହାର ବର୍ଣ୍ଣନା ଅଛି ଯେ ତୁମର ପଡ଼ୋଶୀଙ୍କର ତୁମ ଉପରେ ଅଧିକାର ଅଛି ଏବଂ ତୁମର ପଡ଼ୋଶୀ ତୁମ ଘରର ପଡ଼ୋଶୀ ଅଟନ୍ତି । ତୁମ ସହିତ କାମ କରୁଥିବା ଲୋକମାନେ ତୁମର ପଡ଼ୋଶୀ ଅଟନ୍ତି । ତୁମ ସହିତ ଯାତ୍ରା କରୁଥିବା ଲୋକ ତୁମର ପଡ଼ୋଶୀ ଅଟନ୍ତି । ପ୍ରତ୍ୟେହ ଲୋକମାନେ କାମକୁ ଯାଉଛନ୍ତି । ମାଇଲ୍ ମାଇଲ୍ ଯାତ୍ରା ବସ୍ ଏବଂ ଟ୍ରେନ୍ ଜରିଆରେ କରୁଛନ୍ତି । ସେମାନେ ସମସ୍ତେ ପଡ଼ୋଶୀ ହୋଇଗଲେ । ତୁମେ ତାଙ୍କୁ ଚିହ୍ନିଥାଓ ବା ନ ଚିହ୍ନିଥାଓ, ସେମାନେ ସମସ୍ତେ ତୁମର ପଡ଼ୋଶୀ ଅଟନ୍ତି । ଇସ୍‌ଲାମ୍‌ର ପ୍ରତିଷ୍ଠାତା ସ:ଆ:ସ କହୁଛନ୍ତି । ଅଲ୍ଲାଃତାଲା ମୋତେ ଏତେ ଜୋର୍‌ରେ ପଡ଼ୋଶୀମାନଙ୍କ ଅଧିକାର ପ୍ରଦାନ କରିବା ପାଇଁ ଧ୍ୟାନ ଆକର୍ଷଣ କରାଇଲେ ଯେ ମୋତେ ଏପରି ଲାଗିଲା ଯେପରି ସେମାନେ ପୈତୃକ ସମ୍ପତିର ମଧ୍ୟ ଭାଗିଦାରୀ ହୋଇଯିବେ । ତେଣୁ ଏହା ହେଉଛି ପଡ଼ୋଶୀମାନଙ୍କ ଗୁରୁତ୍ୱ ଓ ପଡ଼ୋଶୀମାନଙ୍କର ଅଧିକାର ଯାହା ଆମକୁ ଇସ୍‌ଲାମ୍ ଶିକ୍ଷା ଦେଇଛି । ତେଣୁ ଆମ ପାଇଁ ଏହା ଧାର୍ଯ୍ୟ ଯେ ଯେଉଁ ଧାର୍ଯ୍ୟକୁ ଆମେ ନିଶ୍ଚିତ ରୂପେ ପାଳନ କରିବା ଏବଂ ଆଶା କରୁଛୁ ଇନ୍‌ଶା ଆଲ୍ଲାତାଲା ଯେବେ ମସ୍‌ଜିଦ୍ ତିଆରି ହୋଇଯିବ ତେବେ ଆମର ଏହି ମସ୍‌ଜିଦ୍‌ର ପଡ଼ୋଶୀମାନେ ମଧ୍ୟ ଏବଂ ଏଠାକୁ ଆସିଥିବା ସମସ୍ତ ଲୋକମାନେ

ମଧ୍ୟ ଯେଉଁମାନେ ଏଠାକୁ ଉପାସନା ନିମନ୍ତେ ଆସୁଛନ୍ତି ସେମାନଙ୍କର ପଡ଼ୋଶୀମାନେ ଆମଠାରୁ ପୂର୍ବାପେକ୍ଷା ଅମନ, ଶାନ୍ତି ଓ ପ୍ରେମ ହାସଲ କରିପାରିବେ । ଏବଂ ଇନ୍‌ଶା ଆଲ୍ଲାତାଲ ପ୍ରତ୍ୟେକ କ୍ଷେତ୍ରରେ ଆମେ ନା କେବଳ ପ୍ରେମକୁ ବାକ୍ୟ ଦ୍ୱାରା କହିବୁ ବରଂ କାର୍ଯ୍ୟଦ୍ୱାରା ଏହାକୁ ପ୍ରସାର କରିବୁ । ଏହା ଯଦି ନହୁଏ ତେବେ ନା କୌଣସି ଧର୍ମର ନା କୌଣସି ଶିକ୍ଷାର ଲାଭ ଅଛି । ୟୁନିଭରସିଟିରେ ପଢ଼ି ଯଦି ଆମେ ଆତଙ୍କବାଦୀ ହେବୁ ତେବେ ସେହି ଶିକ୍ଷାର କୌଣସି ଲାଭନାହିଁ, ବେକାର ଅଟେ । ସେହିପରି ଯଦି କୌଣସି ଧର୍ମରେ ସାମିଲ୍ ହୋଇ ସନ୍ତ୍ରାସବାଦୀ କାର୍ଯ୍ୟକଳାପ କରାଯାଏ ତେବେ ସେ ଧର୍ମ ବେକାର ଅଟେ ଏବଂ ଲାଭହୀନ ଅଟେ । ଅସଲ ଧର୍ମ ପ୍ରେମ ଏବଂ ଶାନ୍ତିକୁ ପ୍ରସାର କରିଥାଏ । ଏହା ହିଁ ଇସ୍‌ଲାମ୍‌ର ପ୍ରକୃତ ଶିକ୍ଷା ଅଟେ । ମୁଁ ଆଶା କରୁଛି ଇନ୍‌ଶା ଆଲ୍ଲା ଓ ତାଲା ଏହି ମସ୍‌ଜିଦ୍‌ଟିର ନିର୍ମାଣପରେ ଆପଣମାନେ ସମସ୍ତେ ପୂର୍ବଠାରୁ ଅଧିକ ଅହେମଦୀମାନଙ୍କଠାରୁ ପ୍ରେମ, ସହାନୁଭୂତି, ଭାଇଚାରାର ନାରା ଶୁଣିବେ । ଧନ୍ୟବାଦ !

### ଭିତି ପ୍ରସ୍ତର ରଖିବା ଉତ୍ସବ

ହଜୁର୍ ଅନୁଓ୍ୱର୍ ଅ:ବା:ବ ଙ୍କର ଏହି ଭାଷଣ ସଂଧ୍ୟା ୬:୪୪ ପର୍ଯ୍ୟନ୍ତ ଜାରି ରହିଲା । ଏହାପରେ ହଜୁର୍ ଅନୁଓ୍ୱର୍ ଦୁଆ କରାଇଲେ । ତା ପରେ ଆପଣ ମୂଳଦୁଆ ରଖିବା ସ୍ଥାନରେ ପହଂଚିଲେ ଓ ଦୁଆ ସହିତ ମୂଳଦୁଆ ରଖିବା ପାଇଁ ପ୍ରଥମ ଇଟା ସ୍ଥାପନ କଲେ । ଏହାପରେ ହଜରତ୍ ବେଗମ୍ ସାହିବା ଦ୍ୱିତୀୟ ଇଟା ସ୍ଥାପନ କଲେ । ଏହାପରେ କ୍ରମାନୁସାରେ ନିମ୍ନଲିଖିତ ଯମାତ୍‌ର ଓ୍ୱହଦାଦାର୍‌ମାନେ ଓ ଅତିଥିଗଣ ଗୋଟିଏ ଗୋଟିଏ ଇଟା ମୂଳଦୁଆରେ ରଖିବାର ସୌଭାଗ୍ୟ ପ୍ରାପ୍ତ କଲେ ।

ମୋକରମ୍ ଅବ୍‌ଦୁଲା ଓ୍ୱାଗସ୍ ହାଉଜର୍ ସାହେବ୍ (ଅମୀର୍ ଯମାତ୍ ଜର୍ମାନୀ), ଡାକ୍ତର ଥୋମାସ୍ ସ୍ୱାଇସ୍ ସାହେବ, ମାର୍‌ବର୍ଗ ସହରର ଲର୍ଡ଼ ମେୟର୍, ପ୍ରାଦେଶିକ ଏମ୍.ପି ଓ କମିଶନର୍ ମିସେସ୍ କ୍ରିଷ୍ଟେନ୍ ଫ୍ରଂଟ୍ ସାହିବା, ଅବଦୁଲ୍ ମାଜିଦ୍ ତାହେର୍ ଏଡିଶିନାଲ୍ ଓକିଲୁଲ୍ ତବଶିର୍ ଲଣ୍ଡନ, ମୋକରମ୍ ହାଏଦର୍ ଅଲୀ ଜଫର ସାହେବ୍ ମୋବୋଲିଗ୍ ଇନ୍‌ଚାର୍ଯ୍ୟ ଜର୍ମାନୀ, ମୋକରମ୍ ମୁନିର୍ ଅହେମଦ୍ ଜାଓ୍ୱେଦ୍ ସାହେବ ପ୍ରାଇଭେଟ୍ ସେକ୍ରେଟାରି, ମୋକରମ୍ ମକ୍‌ସୁଦ୍ ଅହେମଦ୍ ଅନଓ୍ୱି ସାହେବ୍ ରିଜିଓନାଲ୍ ମୁଅଲ୍ଲିମ୍, ମୋକରମ୍ ଚୌଧୁରୀ ଇଫ୍‌ତିଫାର୍ ଅହେମଦ୍ ସାହେବ୍ ମୋବୋଲିଗ୍ ଅନ୍‌ସାରୁଲାଃ, ମୋକରମ୍ ହସନାତ୍ ଅହେମଦ୍ ସାହେବ୍ ସଦର ମଜଲିସ୍ ଖୁଦାମୁଲ୍ ଅହେମଦୀୟା, ମୋକରମା ଅତିଅତୁଲ୍‌ନୁର୍ ଅହେମଦ୍ ହୋଏସ୍ ସାହିବା ସଦର୍ ଲଜ୍‌ନା ଇମାଉଲା ଜର୍ମାନୀ ଇତ୍ୟାଦି... ।

ଏତତ୍‌ବ୍ୟତୀତ ଓ୍ୱାକିଫା ନଓ ଅଜିଜା ମାହିରା ରଜା ଏବଂ ଓ୍ୱାକିଫା ନଓ ଅଜିଜମ୍ ଏହ୍‌ସାନ୍ ଉଲାଃ ଖାନ୍ ସାହେବ୍‌ଙ୍କୁ ମଧ୍ୟ ଗୋଟିଏ ଗୋଟିଏ ଇଟା ରଖିବାର ସୌଭାଗ୍ୟ ପ୍ରାପ୍ତି ହେଲା । ପରିଶେଷରେ ହଜୁର୍ ଦୁଆ କରାଇଲେ । ଦୁଆ ପରେ ହଜୁର୍ ମାର୍‌କି (ଟେଂଟ୍) ଭିତରକୁ ପ୍ରବେଶ କଲେ ଯେଉଁଠି ହଜୁର୍ ସବୁ ଅତିଥିମାନଙ୍କ ସହିତ ରାତ୍ରଭୋଜନ କଲେ । ଭିତିପ୍ରସ୍ତର ସ୍ଥାପନ ଉତ୍ସବ ଓ ଡିନର୍‌ର ପ୍ରୋଗ୍ରାମ୍ ସଂଧ୍ୟା ୭:୩୦ ପର୍ଯ୍ୟନ୍ତ ଜାରି ରହିଲା । ଡିନର୍ ପରେ କିଛି ଅତିଥି ହଜୁର୍‌ଙ୍କ ସହ ସାକ୍ଷାତ୍ କଲେ । ତା ପରେ ହଜୁର୍ ମାର୍‌କି ର ବାହାରକୁ ଚାଲିଆସିଲେ ଯେଉଁଠାରେ ପିଲାମାନେ ଧାଡ଼ି ଧାଡ଼ି ହୋଇ ଛିଡ଼ା ହୋଇଥିଲେ । ହଜୁର୍ ଅନୁଓ୍ୱେର୍ ସବୁ ପିଲାଙ୍କୁ ସ୍ନେହର ସହିତ ଚକୋଲେଟ୍ ପ୍ରଦାନ କଲେ ।

### ମିହଲାଙ୍କ ଟେଂଟ୍ ଭିତରକୁ ହଜୁରଙ୍କର ଆଗମନ

ଏହାପରେ ହଜୁର୍ ଅନୁଓ୍ୱର ମହିଳାଙ୍କ ଟେଂଟ୍ ଭିତରକୁ ପ୍ରବେଶ କଲେ ଯେଉଁଠି ମହିଳାମାନେ ହଜୁର୍‌ଙ୍କ ଦର୍ଶନ ଲାଭ କଲେ । ପିଲାମାନେ ଦୁଆଇଆ ନଜମ୍ ପରିବେଷଣ କଲେ । ହଜୁର୍ ସେଠି ପିଲାମାନଙ୍କୁ ସ୍ନେହର୍ ସହିତ ଚକୋଲେଟ୍ ପ୍ରଦାନ କଲେ । ଏହାପରେ ପ୍ରୋଗ୍ରାମ୍ ମୁତାବକ ସଂଧ୍ୟା ୭:୪୦ ରେ ହଜୁର୍ ଏଠାରୁ ବଇତୁଲ୍ ସବୁହୁ ଫ୍ରାଙ୍କ୍‌ଫର୍ଟ୍ ସହର ନିମନ୍ତେ ଯାତ୍ରା ଆରମ୍ଭ କଲେ । ଫେରିବା ସମୟରେ ମଧ୍ୟ କାଫଲାକୁ ମୋଟର୍ ଓ୍ୱେ ପର୍ଯ୍ୟନ୍ତ ଏସ୍‌କର୍ଟ୍ କଲା । ପାଖାପାଖି ୪୫ମି. ଯାତ୍ରା ପରେ ୮:୨୫ ରେ ହଜୁର୍ ବଇତୁଲ୍ ସବୁହୁରେ ପହଂଚିଲେ । ୮:୪୫ ରେ ନଗରିବ୍ ଓ ଇଶା ନମାଜ ଏକତ୍ର ପଢ଼ାଇଲେ । ନମାଜ ପରେ ହଜୁର୍ ନିଜର ଆବାସସ୍ଥଳୀକୁ ଚାଲିଗଲେ ।

### ଅତିଥିମାନଙ୍କ ମନୋଭାବ

ଆଜି ମସ୍‌ଜିଦ୍‌ର ଭିତିପ୍ରସ୍ତର ସ୍ଥାପନ ଉତ୍ସବରେ ସାମିଲ୍ ହୋଇଥିବା ବହୁତ ଅତିଥି ନିଜ ନିଜର ମନୋଭାବ ପରିପ୍ରକାଶ କଲେ । ହଜୁର୍ ଅନୁଓ୍ୱର୍‌ଙ୍କ ଭାଷଣ ଅତିଥିମାନଙ୍କ ମନରେ ଗଭୀର ପ୍ରଭାବ ପକାଇଲା । ଯାହାକୁ ପ୍ରକାଶ ନ କରି ସେମାନେ ରହିପାରିଲେ ନାହିଁ ।

ଜଣେ ଅତିଥି ମିସେସ୍ ଏଙ୍ଗ୍ ଏଡ଼ିଙ୍ଗ୍ ସାହିବା କହିଲେ-ପଡ଼ୋଶୀମାନଙ୍କ ଅଧିକାର ବିଷୟରେ ଖଲିଫାଙ୍କର ବାର୍ତା ମୋତେ ବହୁତ ପ୍ରଭାବିତ କରିଛି । ଜଣେ ଇସାଇ ହୋଇଥିବାରୁ ମୋର ଏହି ଇଛା ଯେ ଖ୍ରୀଷ୍ଟିଆନ୍‌ମାନେ ମଧ୍ୟ ଏହି ଶିକ୍ଷାକୁ ଗ୍ରହଣ କରନ୍ତୁ ।

ଜଣେ ଅତିଥି ମିଷ୍ଟର୍ ମାର୍ଟିନ୍ କହିଲେ ଖଲିଫା ମହିଳାମାନଙ୍କର ଯେଉଁ ପଦବୀ ଉପସ୍ଥାପନ କଲେ ତାହା ଅତ୍ୟନ୍ତ ସୁନ୍ଦର ଧର୍ମୀୟ ଶିକ୍ଷା ଅଟେ । ଯଦିଚ ଅନ୍ୟ ମୁସଲମାନ୍ ସଂସ୍କୃତିରେ ମୋତେ ଏପରି ଲାଗୁଛି ଯେ ସ୍ତ୍ରୀ ଲୋକମାନେ ଅଣନିଶ୍ୱାସୀ ଓ ନିଶ୍ପେଷିତ ଅଛନ୍ତି ଏବଂ ସମ୍ପୂର୍ଣ୍ଣ ରୂପେ ନିଜ ସ୍ୱାମୀଙ୍କ କବଳରେ ରହୁଛନ୍ତି । କିନ୍ତୁ ଆପଣମାନଙ୍କ ନିକଟରେ ପୁରୁଷ ଓ ମହିଳାଙ୍କର ପଦମର୍ଯ୍ୟାଦା ଓ ଅଧିକାର ଗୁଡିକରେ ଯେଉଁ ସମାନତା ଅଛି ତାହା ମୋତେ ବହୁତ ପସନ୍ଦ ଲାଗିଲା ।

ଆଉଜଣେ ଅତିଥି ମିସେସ୍ ଡବ୍‌ଲିଉ ବାର୍‌ବାରା ସାହିବା କହିଲେ ମୋତେ ତ ଏ ଉତ୍ସବ ବହୁତ ଭଲ ଲାଗିଲା । ଖଲିଫା ନିଜେ ଏଠାକୁ ଆସି ମୂଳଦୁଆ ରଖିଲେ ଏହା ବହୁତ ସମ୍ମାନର କଥା । କଥା ଏତିକିରେ ସିମୀତ ନାହିଁ ବରଂ ଖଲିଫାଙ୍କ ଲୋକମାନଙ୍କୁ ସମ୍ମାନିତ କରିବାର ପରିଧି ଏହାଠାରୁ ମଧ୍ୟ ଅଧିକ ଥିଲା । ଖଲିଫା ଯମାତ୍‌ର ମେମ୍ବର୍‌ମାନଙ୍କୁ ସ୍ତ୍ରୀ ଓ ପିଲାମାନଙ୍କୁ ମଧ୍ୟ ଏହି ସମ୍ମାନରେ ସାମିଲ୍ କରାଇଲେ ଯେ ସେମାନେ ମଧ୍ୟ ମୂଳଦୁଆ ପାଇଁ ଇଟା ରଖିଲେ । ଏକତା ଏବଂ ଭାଇଚାରାର ପରିବେଶ ମୋ ହୃଦୟ ଉପରେ ଗଭୀର ପ୍ରଭାବ ପକାଇଛି ।

ଆଉଜଣେ ଅତିଥି ମିସେସ୍ ଜୁଲିଆ କହୁଛନ୍ତି ଯେ ବହୁତ ସୁନ୍ଦର ଭାବେ ଏହି ଉତ୍ସବରେ ଖଲିଫାଙ୍କର ଭାଷଣ ମୋତେ ବହୁତ ଭଲ ଲାଗିଲା । ଆପଣ କହିଲେ ଯେପର୍ଯ୍ୟନ୍ତ ଭକ୍ତଙ୍କର ଅଧିକାର ପ୍ରଦାନ ନକରିଛି ସେପର୍ଯ୍ୟନ୍ତ ଖୁଦାଙ୍କ ଉପାସନା ନିରର୍ଥକ । ମୋର ଏଠାକୁ ଆସିବା ପୂର୍ବରୁ ଏ ଭାବନା ଥିଲା ଯେ ଇସ୍‌ଲାମ୍ କଠୋରବାଦୀର ଶିକ୍ଷା ଦିଏ ବୋଲି । କିନ୍ତୁ ଆଜିର ଏହି ଉତ୍ସବ ମୋ ମନକୁ ଇସ୍‌ଲାମ୍ ପ୍ରତି ଥିବା ବିଯୁକ୍ତାମକ ଚିନ୍ତାଧାରାରୁ ପବିତ୍ର କରିଦେଲା । ଏବଂ ମୁଁ ଇସ୍‌ଲାମ୍‌ର ଶାନ୍ତି ଓ ପ୍ରେମର ଶିକ୍ଷାକୁ ବହୁତ ଭଲ ରୂପେ ଜାଣିନେଲି । ମୁଁ ଆନନ୍ଦିତ ଯେ ଆପଣଙ୍କ ଯମାତ୍ ସ୍ପଷ୍ଟ ରୂପେ ନିଜକୁ କଠୋରପନ୍ଥୀ ଓ ବିଗିଡ଼ି ଯାଇଥିବା ଇସ୍‌ଲାମ୍‌ଠାରୁ ଦୂରେଇ ରଖିବା ଯୋଗୁଁ ସଫଳତା ଲାଭ କରିଛି ।

ଆଉଜଣେ ଅତିଥି ମିସେସ୍ ଡକ୍ଟର୍ ବ୍ରନ୍ ସାହିବା କହୁଛନ୍ତି ଯେ ଖଲିଫାଙ୍କର ଭାଷଣରେ ମୋତେ ଇସାଇ ଧର୍ମରେ ଥିବା ପ୍ରେମର ବାସ୍ତବିକ ଶିକ୍ଷା ଦୃଷ୍ଟିଗୋଚର ହେଲା । ଆପଣଙ୍କ ଶବ୍ଦଗୁଡିକ ସମଗ୍ର ସଂସାରରେ ପ୍ରସାର ହେବା ଉଚିତ୍ ।

ରଉଜନ୍ ବର୍ଗ ସହରର ଭାରପ୍ରାପ୍ତ ମେୟର୍ ମିଷ୍ଟର୍ ମ୍ୟାନ୍‌ଫ୍ରେଡ୍ ଗ୍ରନ୍‌ଥର୍ କହିଲେ ମୁଁ ଏହି ପ୍ରୋଗ୍ରାମ୍‌ରେ ସାମିଲ୍ ହୋଇ ବହୁତ ଆନନ୍ଦିତ ଓ ଖଲିଫାଙ୍କର ଭାଷଣ ମୋ ଉପରେ ବହୁତ ପ୍ରଭାବ ପକାଇଛି ।

ପ୍ରଫେସର୍ ଡକ୍ଟର୍ ବ୍ରନ୍ ସାହେବ୍ କହିଲେ ଯେ ଖଲିଫାଙ୍କ ଭାଷଣରେ ବର୍ଣ୍ଣନା କରାଯାଇଥିବା ଟିପ୍ପଣୀ ଉପରେ ମୁଁ ସହମତ । କାରଣ ଏହା ମୋର ନିଜ ଇସାଇ ଧର୍ମର ଚରିତ୍ର ସହିତ ସମାନ ଅଟେ । ପୁଣି ସେ କହିଲେ ଯେ ମୋର ଏହା ଇଛା ଅଟେ ଯେ ହେଇସନ୍ ପ୍ରଦେଶର ମୁଖ୍ୟମନ୍ତ୍ରୀ ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ସାକ୍ଷାତ୍ କରନ୍ତୁ ।

ରେଡ୍‌କ୍ରସ୍‌ର ନ୍ୟାୟିକ ଉପଦେଷ୍ଟା ହଜୁର୍ ଅନୁଓ୍ୱର୍‌ଙ୍କ ଭାଷଣ ପରେ କହିଲେ ଖଲିଫାଙ୍କୁ ମୁଁ ଜଣେ ବାପା ରୂପେ ଅନୁଭବ କରୁଛି ।

ଜଣେ ଅତିଥି ମିସେସ୍ ବାର୍‌ବାରା ବୁଜେ ସାହିବା କହିଲେ ଖଲିଫାଙ୍କ ବାର୍ତା ଆଜିକାର ଏହି ଅନ୍ଧାରି ଯୁଗରେ ଆକାଶରେ ଏକ ଉଜଳ ଆଲୋକର ସ୍ଥିତି ପରି ଅଟେ । ଯେତେବେଳେ ଖଲିଫା ମାନବିକତା ବିଷୟରେ ଚର୍ଚ୍ଚା କଲେ ସେତେବେଳେ ମୋ ଆଖିରୁ ଅଶ୍ରୁ ବହିବାକୁ ଲାଗିଲା । ଏହା ଆମ ପାଇଁ ବହୁତ ସମ୍ମାନର ବିଷୟ ଯେ ଏତେବଡ଼ ପଦମର୍ଯ୍ୟାଦା ରଖିଥିବା ବ୍ୟକ୍ତିତ୍ୱ ଆମ ଗହଣରେ ଉପସ୍ଥିତ ଅଛନ୍ତି । ତାଙ୍କୁ ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ସାକ୍ଷାତ୍ କରିବାର ମଧ୍ୟ ସୌଭାଗ୍ୟ ପ୍ରାପ୍ତ ହେଲା । ସାକ୍ଷାତ୍‌କାର ପରେ ସେ କହିଲେ ଯେ ମୋର ସାରା ହୃଦୟ କମ୍ପନ ହେଉଅଛି । ମୁଁ ନିଜର ଭାବନାକୁ ବ୍ୟକ୍ତ ପାରୁନାହିଁ । ଏହି ବ୍ୟକ୍ତିତ୍ୱ ପୋପ୍‌ଙ୍କ ପରି ନୁହେଁ । ବରଂ ତାଙ୍କଠାରୁ ଭିନ୍ନ ଅଟନ୍ତି । ଯାହାଙ୍କ ଭିତରେ ବିନମ୍ରତା

ଭରିରହିଛି ।

ଆଉଜଣେ ମହିଳା ଅତିଥି ମିସେସ୍ କ୍ଲାଉଡ଼ିଆ ହେର୍‌କ୍ଲୋଜ୍ କହିଲେ ମୁଁ ଖଲିଫାଙ୍କ ଦ୍ୱାର ବହୁତ ପ୍ରଭାବିତ ହୋଇଛି । ଆପଣଙ୍କର ଭାଷଣଟି ଅତି ଉତମ ଥିଲା । ଯେଉଁ କଥାଟି ମୋତେ ବହୁତ ପ୍ରଭାବିତ କଲା ତାହା ଇସ୍‌ଲାମ୍‌ର ଭାଇଚାରାର ଶିକ୍ଷା ।

ଆଉ ଜଣେ ଅତିଥି ମିଷ୍ଟର୍ ମାଇକେଲ୍ ପ୍ଲାଟେଲ୍ କହିଲେ ମୁଁ ଏହି ନର୍ସରୀରେ କାମ କରୁଛି । ଆଜି ଦ୍ୱିପ୍ରହରେ ଯେତେବେଳେ ମୁଁ ଏଠାକୁ କାମ ପାଇଁ ଆସିଲି ଏପରି ଲାଗୁଥିଲା ଯେ ଆଜି ସଂଧ୍ୟା ସୁଧା କାମ ସମ୍ପୂର୍ଣ୍ଣ ହୋଇପାରିବ ନାହିଁ । ଭିତିପ୍ରସ୍ତର ସ୍ଥାପନ କରିବା ଉତ୍ସବ ନିମନ୍ତେ ଆଉ ତିନି ସପ୍ତାହ ସମୟ ଦରକାର ବୋଲି ଲାଗୁଥିଲା । କିନ୍ତୁ ମୁଁ ବର୍ତମାନ ଏହା ଦେଖି ଆଶ୍ଚର୍ଯ୍ୟ ଯେ ଏହି କାମ ଏତେଶିଘ୍ର କିପରି ସମ୍ପୁର୍ଣ୍ଣ ହୋଇଗଲା । କିନ୍ତୁ ମୁଁ ଆନନ୍ଦିତ ଯେ କାମ ସମ୍ପୂର୍ଣ୍ଣ ହୋଇଗଲା । ଖଲିଫାଙ୍କ ଭାଷଣ ବହୁତ ଉଚ୍ଚକୋଟୀର ଥିଲା ଯେଉଁଥିରେ ବିଭିନ୍ନ ପ୍ରକାରର ବିଷୟ ବର୍ଣ୍ଣନା କରାଯାଇଛି । ଭାଷଣର ସେହି ଭାଗ ଦ୍ୱାରା ମୁଁ ବହୁତ ପ୍ରଭାବିତ ଯେଉଁଥିରେ ଇସ୍‌ଲାମ୍‌ର ଧର୍ମୀୟ ଉଦାରତା ବିଷୟରେ ଶିକ୍ଷା ଦିଆଯାଇଛି । ମୁଁ କୌଣସି ଏପରି ଧର୍ମକୁ ଜାଣିନାହିଁ ଯେଉଁଥିରେ ଏପରି ଶିକ୍ଷା ଯାଇଥିବ । ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ନିଜ ଧର୍ମ ଭିତରେ ସିମୀତ ଅନ୍ୟଧର୍ମ ସହିତ ସମ୍ପର୍କ ସ୍ଥାପନ କରିବା ପାଇଁ ଚେଷ୍ଟା କରୁନାହାଁନ୍ତି ।

ମାର୍‌ବର୍ଗ ସହରର ଜଣେ ସରକାରୀ ଅଧିକାରୀ କହିଲେ ହଜୁର୍ ଅନୁଓ୍ୱର୍‌ଙ୍କର ମାନବ ଜାତି ପାଇଁ ଯେଉଁ ପ୍ରେମ ବିଷୟ ଉଜାଗର କଲେ ତାହା ତାଙ୍କ ମନରେ ଗଭୀର ପ୍ରଭାବ ପକାଇଛି ।...

ମାର୍‌ବର୍ଗ ସହରର ଜଣେ ଡ଼େ.କେ.ଆର୍ ଫାସିଲିଟି ସେଂଟର୍ ର ମ୍ୟାନେଜିଂ ଡିରେକ୍ଟର୍ କହିଲେ ଯଦି କୌଣସି ମୁସଲ୍‌ମାନ୍ ଯମାତ୍‌କୁ ମସ୍‌ଜିଦ୍ ନିର୍ମାଣ ପାଇଁ ଅନୁମତି ଦେବା ଉଚିତ୍ ତେବେ ତାହା କେବଳ ଯମାତ୍ ଅହେମଦୀୟା ଅଟେ ।

ମେୟର୍‌ଙ୍କ ଦଫତର୍‌ର ଜଣେ ଷ୍ଟାଫ୍ ମେମ୍ବର୍ କହିଲେ ଯେ ଖଲିଫତୁଲ୍ ମସିହ୍ ଯେଉଁ ସବୁ ବିଷୟ ଚର୍ଚ୍ଚା କଲେ ସେହି ସବୁ ବିଷୟକୁ ମୁଁ ମନରେ ରଖି ଏଠାରେ ସାମିଲ୍ ହୋଇଥିଲି । ହଜୁର୍‌ଙ୍କର ବାର୍ତା ପ୍ରେମର ବାର୍ତା ଥିଲା । ସେ କହିଲେ ଯେ ହଜୁର୍‌ଙ୍କର ଭାଷଣର ଅନୁବାଦ ମୁଁ ଗୋଟିଏ କାନରେ ଶୁଣୁଥିଲି ଏବଂ ଆଉଗୋଟିଏ କାନରେ ହଜୁର୍‌ଙ୍କର ମୁଖରୁ ବାହାରୁଥିବା ଅସଲ ଶବ୍ଦକୁ ମଧ୍ୟ ମୁ ଶୁଣୁଥିଲି । ହଜୁର୍‌ଙ୍କ ଶବ୍ଦଗୁଡିକରୁ ପ୍ରେମ ଓ ଶାନ୍ତି ଝଲକୁଥିଲା ।

ଆଉଜଣେ ବୃଦ୍ଧ ଅତିଥି ହଜୁର୍ ଅନୁଓ୍ୱର୍‌ଙ୍କ ଆସିବା ପୂର୍ବରୁ କହିଲେ ଯେ ମୋର ୬:୩୦ ସମୟରେ ଗୋଟିଏ ଆପଏଂଟ୍‌ମେଂଟ୍ ଅଛି । ସେଥିଯୋଗୁ ମୁଁ ଖଲିଫାଙ୍କର ଭାଷଣ ଶୁଣିନପାରେ । ତାଙ୍କ ପାଖରେ ବସିଥିବା ଆଉଜଣେ ବନ୍ଧୁ କହିଲେ ଯେ ସେତେବେଳେ ହଜୁର୍ ଅନୁଓ୍ୱର୍‌ଙ୍କର ଭାଷର ଜାରି ଥିଲା । ସେତେବେଳେ ୬:୩୦ ବାଜିଲା ସେତେବେଳେ ସେ କହିଲେ ଖଲିଫାଙ୍କର ଭାଷଣ ଏତେ ଉତମ ଅଟେ ଓ ମୁଁ ଏତେ ପ୍ରଭାବିତ ହେଉଅଛି ଯେ ଏବେ ମୋତେ ଯିବାକୁ ହେବ । ତେଣୁ ସେ ହେଡ୍‌ଫୋନ୍ ବନ୍ଦ୍ କରି ରଖିଦେଲେ । ମୋର ଚିନ୍ତା ଆହୁରି ଅଧିକ ବଢ଼ିଗଲା । କାରଣ ଆମେ ହଜୁର୍‌ଙ୍କ ସମ୍ମୁଖରେ ଥିବା ଟେବୁଲ୍‌ରେ ବସିଥିଲୁ । ଯଦି ଏ ବନ୍ଧୁଜଣକ ସାମନାରୁ ଉଠିଯିବେ ତେବେ ଅସମ୍ମାନ ହେବ । ଅଲ୍ଲାଃ ଜାଣନ୍ତି ତାଙ୍କ ମନରେ କଣ ହେଲା ସେ ପୁଣି ନିଜର ହେଡ୍‌ଫୋନ୍‌କୁ ଉଠାଇ କାନରେ ଲଗାଇଲେ ଓ ହଜୁର୍‌ଙ୍କର ପୁରା ଭାଷଣ ଶୁଣି ଗଲେ । ଯିବା ସମୟରେ କୃତଜ୍ଞତା ଜ୍ଞାପନ କରି କହିଲେ ଯେ ମୁଁ ଆଜି ପର୍ଯ୍ୟନ୍ତ ଏପରି ଧାର୍ମିକ ପ୍ରୋଗ୍ରାମ୍ ଦେଖିନାହିଁ । ଓ ଖଲିଫାଙ୍କର ଭାଷଣ ମୋତେ ବହୁତ ପ୍ରଭାବିତ କରିଛି ।

ଫିଲ୍‌ଲ୍ୟାଣ୍ଡ୍ ଦେଶ ସହିତ ସମ୍ପର୍କ ରଖିଥିବା ଜଣେ ମହିଳା ନିଜର ନଅ ବର୍ଷର ପୁଅକୁ ଧରି ଏହି ଉତ୍ସବରେ ସାମିଲ୍ ହୋଇଛନ୍ତି । ସେ କହିଲେ ମୁଁ ମୋର ଛୋଟ ପୁଅକୁ ଧରି ଆସିଛି । ମୋର ଆନ୍ତରିକ ଇଛା ଏହା ଯେ ଏ ପିଲା କାନରେ ମଧ୍ୟ ଖଲିଫତୁଲ୍ ମସିହ୍‌ଙ୍କ ଆଓ୍ୱାଜ୍ ପଡୁ ଓ ସେ ଦେଇଥିବା ଶିକ୍ଷାରୁ କିଛି ଶିକ୍ଷାଲାଭ କରୁ । ଆପଣମାନଙ୍କ ପରି ସେ ଜଣେ ପୁଣ୍ୟବାନ୍ ବ୍ୟକ୍ତି ହୋଇଯାଉ । ପୁଣି ସେ କହିଲେ ଖଲିଫା ଯେତେବେଳେ ଷ୍ଟେଜ୍ ଉପରକୁ ଆସିଲେ ସେତେବେଳେ ମୋତେ ଲାଗିଲା ବୋଧେ ଆପଣଙ୍କର ଖଲିଫା କଠୋର ହୋଇଥିବେ । କିନ୍ତୁ ସେ ତ ବହୁତ ନମ୍ର ଏବଂ ଶାନ୍ତିପ୍ରିୟ ଚରିତ୍ରର ଜଣାପଡୁଛନ୍ତି । ମୁଁ ଖଲିଫାଙ୍କ ଭାଷଣ ଦ୍ୱାରା ବହୁତ ପ୍ରଭାବିତ ହୋଇଛି । ଏହା ମୋ ନିକଟରେ ସଚ୍ଚା ଇସ୍‌ଲାମ୍ ଅଟେ । ବାକି ସମସ୍ତ ମୁସଲ୍‌ମାନ୍‌ମନେ ଖଲିଫାଙ୍କ ପଛରେ ଚାଲିବା ଉଚିତ୍ । ବିଶେଷ ରୂପେ ଖଲିଫା ଭାଇଚାରା ଏବଂ ପଡ଼ୋଶୀମାନଙ୍କ ଅଧିକାର ବିଷୟରେ ଯେଉଁ ଇସ୍‌ଲାମୀୟ ସ୍ୱଷ୍ଟୀକରଣ ଉପସ୍ଥାପନ କଲେ ତାହା ମୋ ଉପରେ ବହୁତ ପ୍ରଭାବ ପକାଇଲା । ଆପଣଙ୍କର ଏହି ବାର୍ତା ଓ ଶିକ୍ଷା କଦାପି ଭୁଲ୍ ହୋଇପାରିବ ନାହିଁ । ପୁଣି ସେ କହିଲେ ଯେ ମୋର ଇଛା ହେଉଛି ଆପଣଙ୍କ ଯମାତ୍‌ରୁ କେହି ଜଣେ ଇମାମ୍ ବା କୌଣସି ବ୍ୟକ୍ତି ମୋର ଏଇ ନଅ ବର୍ଷର ପୁଅକୁ ପବିତ୍ର କୋରାନ୍ ପଢ଼ାଇବା ଶିଖାଇଦିଅନ୍ତୁ । ମୁଁ ଚାହୁଁଛି ଯେ ଏ ପିଲା କୋରାନ୍ ପଢୁ ଓ ପୁଣ୍ୟବାନ୍ ଚରିତ୍ରର ହୋଇଯାଉ ।

ଲର୍ଡ଼ ମେୟର୍ ନିଜର ଭାବନା ବ୍ୟକ୍ତ କରି କହିଲେ ଯେ ଖଲିଫତୁଲ୍ ମସିହ୍ ଜଣେ ବିଜ୍ଞାନୀ ପୁରୁଷ ଲାଗୁଛନ୍ତି । ଖଲିଫାଙ୍କର ଭାଷଣ ବହୁତ ସୁନ୍ଦର ଥିଲା ଏବଂ ଆପଣଙ୍କ ଶାନ୍ତିପ୍ରିୟ ଚରିତ୍ର ଆପଣଙ୍କର ଭାଷଣର ବିଷୟବସ୍ତୁକୁ ସମ୍ମତି ଦେଉଥିଲା । ସେ କହିଲେ ଯେ ଦୁଃଖର ବିଷୟ ମୁସଲ୍‌ମାନଙ୍କ ଉପରେ ଏତେ ମାତ୍ରାରେ ଭୁଲ୍ ଆରୋପ ଲଗାଯାଉଛି ଯେ ମୁସଲ୍‌ମାନମାନଙ୍କୁ ଏହାର ଉତରରେ ପ୍ରମାଣ ଦେବାକୁ ପଡୁଛି । ଯଦିଚ ଜଣେ ପାଶ୍ଚାତ୍ୟ ଦୁନିଆର ଲୋକ ବା ଖ୍ରୀଷ୍ଟିଆନ୍ କୌଣସି ପ୍ରକାର ଅତ୍ୟାଚାର କାଣ୍ଡ ସୃଷ୍ଟି କରେ ଯେପରି ନର୍‌ଓ୍ୱେରେ ଜଣେ ହତ୍ୟାକାରୀ ଖ୍ରୀଷ୍ଟିଆନ୍ ନାମରେ ହତ୍ୟା କରିଥିଲା । ତେବେ କୌଣସି ଲୋକ ମଧ୍ୟ କହୁନାହିଁ ଯେ ଏହା ତ ଧର୍ମର ଭୁଲ୍ ।

ଜଣେ ମହିଳା ଅତିଥି କର୍‌ଷ୍ଟିମ୍ ସାହିବା ଯିଏ ଏ ପ୍ରଦେଶର୍ ଏମ୍.ପି ଅଛନ୍ତି ସେ କହିଲେ ଯେ ଏହା ତାଙ୍କ ପାଇଁ ବଡ଼ ସମ୍ମାନର ବିଷୟ ଅଟେ ଯେ ଖଲିଫତୁଲ୍ ମସିହ୍‌ଙ୍କୁ ସ୍ୱାଗତମ୍ କହିବାର ତାଙ୍କୁ ଅବସର ମିଳିଲା । ତାଙ୍କ ସହିତ ସାକ୍ଷାତ୍‌କାର୍‌ର ମୌକା ମିଳିଲା । ଖଲିଫତୁଲ୍ ମସିହ୍ ବହୁତ ବୁଦ୍ଧିମାନ୍ ବ୍ୟକ୍ତି ଜଣାପଡୁଛନ୍ତି । ଶବ୍ଦଗୁଡିକର ଚୟନ ଅତି ବୌଦ୍ଧିକତାର ସହ କରୁଛନ୍ତି । ଆପଣଙ୍କ ନିକଟରେ ସ୍ଥିରତା ଓ ଶାନ୍ତି ଅନୁଭବ ହେଉଛି । ଆପଣ ଜଣେ ମେଳାପି ବ୍ୟକ୍ତି ଅଟନ୍ତି ।

ଫିଲିପ୍ ସାହେବ୍, ଯିଏ ମାର୍‌ବର୍ଗ ୟୁନିଭର୍‌ସିଟିରେ ସାହିତ୍ୟ ପଢ଼ାଉଛନ୍ତି ସେ କହିଲେ ଯେ ଏ ଉତ୍ସବଟି ବହୁତ ସଫଳ ହୋଉଛି । ସେଥିଯୋଗୁ ମୋତେ ବହୁତ ଖୁସି ଲାଗୁଛି । ଖଲିଫତୁଲ୍ ମସିହ୍‌ଙ୍କୁ ଦେଖି ଲାଗୁଛି ଯେ ଆପଣ ଜଣେ ଗଭୀର ଚିନ୍ତାଶୀଳ ବ୍ୟକ୍ତି ଅଟନ୍ତି । ଏହା ବହୁତ ସ୍ୱଷ୍ଟ ରୂପେ ଅନୁଭବ ହେଉଛି ଯେ ଆପଣ ଯାହାକିଛି କହୁଛନ୍ତି ତାହା ଉପରେ ନିଶ୍ଚିତ ରୂପେ ଅମଳ କରୁଛନ୍ତି । ଖଲିଫାଙ୍କର ବର୍ଣ୍ଣନା ଗୁଡିକୁ କାନୁନ୍ ପୁସ୍ତକ ଭିତରେ ସାମିଲ୍ କରିବା ଉଚିତ୍ ।

ଆଉଜଣେ ମହିଳା ଅତିଥି ସାଇମାନ୍ ଇର୍‌ଲେ ସାହିବା କହିଲେ ଖଲିଫତୁଲ୍ ମସିହ୍‌ଙ୍କ ନିକଟରେ ଏକ ବିଶେଷ କିସମର୍ ରୋଗ୍ (ବ୍ୟକ୍ତିତ୍ୱ) ଅଛି । ଖଲିଫତୁଲ୍ ମସିହ୍ ପ୍ରେମ, ଶାନ୍ତି ଏବଂ ଧର୍ମ ବିଷୟରେ ଜଣେ ଅନ୍ୟଜଣକ ସହିତ କିପରି ଭାଇଚାରା ସୃଷ୍ଟି କରିବ ଏ ସମ୍ବନ୍ଧରେ କହିଲେ ଯେ କୌଣସି ଲୋକକୁ ଇସ୍‌ଲାମ୍‌ଠାରୁ ଭୟ କରିବାର ଆବଶ୍ୟକତା ନାହିଁ । ଏହି କଥା ମୋ ମନରେ ବହୁତ ଗଭୀର ପ୍ରଭାବ ପକାଇଲା ।

ଆଉ ଜଣେ ଅତିଥି ମ୍ୟାଗ୍‌ଜିମିଲନ୍ କହୁଛନ୍ତି ଯେ ଏହି ଉତ୍ସବରେ ଏକ ପ୍ରକାର ପାରିବାରିକ ପରିବେଶ ମିଳିଲା । ଖଲିଫତୁଲ୍ ମସିହ୍ ଜଣେ ସ୍ଥିର ବ୍ୟକ୍ତି ଜଣାପଡୁଥିଲେ । ଯିଏ ନିଜର ଭାବନାକୁ ବ୍ୟକ୍ତ କରିବା ପାଇଁ ସୁନ୍ଦର ଶୈଳୀ ଉପସ୍ଥାପନ କରିବା ଜାଣିଛନ୍ତି । ଆପଣଙ୍କ ଭାଷଣରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଥିଲା, ଆମ ସମସ୍ତଙ୍କୁ ଆପୋଷରେ ମିଳିମିଶି ଶାନ୍ତି ଓ ଭାଇଚାରା ସହିତ ରହିବା ପାଇଁ ଚେଷ୍ଟା କରିବା ଉଚିତ୍ ।

ଆଉ ଜଣେ ଅତିଥି ଓୟାର୍‌ଲ୍ୟାଣ୍ଡ୍ ଷ୍ଟୋଜେଲ୍ କହିଲେ ଏହା ଏକ ବହୁତ ବନ୍ଧୁତ୍ୱପୂର୍ଣ୍ଣ ପରିବେଶ ଥିଲା । ତାଙ୍କୁ ଅତିଥିମାନଙ୍କୁ ସ୍ୱାଗତ ଜଣାଇବାର ଶୈଳୀ ବହୁତ ଭଲ ଲାଗିଲା । ସେ ଏଥିରେ ପ୍ରଭାବିତ ଥିଲେ ଯେ ଭାଷଣ ସହିତ ଅନୁବାଦ ମଧ୍ୟ ହୋଇଚାଲିଥିଲା । ଖଲିଫତୁଲ୍ ମସିହ୍ ବହୁତ ବିଶେଷ ବ୍ୟକ୍ତି ଅଟନ୍ତି । ଏବଂ ଆପଣ ଶାନ୍ତି ଓ ଭାଇଚାରା ବିଷୟରେ ଯାହା କିଛି କହିଲେ ତାହା ମୋତେ ବହୁତ ପସନ୍ଦ ହେଲା ।

ଆଉ ଜଣେ ମହିଳ ଅତିଥି ରଫ୍‌ମ୍ୟାନ୍ କହିଲେ ଯେ ଖଲିଫତୁଲ୍ ମସିହ୍ ବହୁତ ପ୍ରଭାବଶାଳୀ ବ୍ୟକ୍ତି ଅଟନ୍ତି । ସେ ତାଙ୍କ ଭାଷଣରେ ଜଣେ ପ୍ରକୃତ ମୁସଲ୍‌ମାନ୍ ଓ ଅନ୍ୟ ମୁସଲ୍‌ମାନଙ୍କ ଭିତରେ ଯେଉଁ ଫରକ ଅଛି ଯେଉଁମାନେ ଇସ୍‌ଲାମ୍ ନାମରେ ଖରାପ କାର୍ଯ୍ୟ

କରୁଛନ୍ତି ଏ ବିଷୟ ମୋତେ ବହୁତ ଭଲ ଲାଗିଲା ।

ଆଉ ଜଣେ ମହିଳା ଅତିଥି ମେଜ୍‌ଗର୍ ସାହିବା କହିଲେ ଯେତେବେଳେ ତାଙ୍କୁ ନିମନ୍ତ୍ରଣ କରାଗଲା ଆରମ୍ଭରୁ ସେ ମହିଳା ହୋଇଥିବା ଯୋଗୁ ଟିକେ ସଙ୍କୋଚ କରୁଥିଲେ । କିନ୍ତୁ ଏଠାକୁ ଆସି ଏହାର ଓଲଟା ପ୍ରମାଣିତ ହେଲା ଓ ଏଠାରେ ତାଙ୍କୁ ଶାନ୍ତି ମିଳିଲା ।....

ଆଉ ଜଣେ ଅତିଥି ମ୍ୟାନ୍ ସ୍ରେଡ୍ ୱିଟିଙ୍ଗ୍ ଯିଏ ହାଇସ୍କୁଲର ଶିକ୍ଷକ ଅଛନ୍ତି ସେ କହିଲେ ଆଜିର ପ୍ରୋଗ୍ରାମ୍‌ରେ ଅତିଥି ସତ୍କାର ବହୁତ ଉଚ୍ଚକୋଟୀର ଥିଲା । ପୁଣି କହିଲେ ଯେ ଖଲିଫତୁଲ୍ ମସିହ୍ ଯେଉଁ ଭାଷଣ ଦେଲେ ତାହା ବହୁତ ଲଳିତ ଓ କୋମଳ ଥିଲା । ଖ୍ରୀଷ୍ଟିଆନ୍ ହେବା ସତ୍ୱେ ମଧ୍ୟ ସେ ଏ ସମସ୍ତ କଥା ଗୁଡିକୁ ଗ୍ରହଣ କରୁଛନ୍ତି ।...

ଆଉ ଜଣେ ଅତିଥି ମାର୍ଟିନ୍ ଜେନେମାନ୍ ଯେ ହାଇସ୍କୁଲର ଶିକ୍ଷକ ଅଟନ୍ତି ନିଜର ଭାବବ୍ୟକ୍ତ କରି କହିଲେ ଖଲିଫତୁଲ୍ ମସିହ୍ ବହୁତ ଉତମ ଚରିତ୍ରର ମାଲିକ ଅଟନ୍ତି । ଏବଂ ସେ ଜଣେ ଦୟାଳୁ ଓ ସ୍ନେହି ବ୍ୟକ୍ତି ରୂପେ ବିବେଚିତ ।...

ଆଉ ଜଣେ ଅତିଥି ଫ୍ରାଂଟ୍ ସାହେବ୍ କହିଲେ ଯେ ତାଙ୍କୁ ଏହି ପ୍ରୋଗ୍ରାମ୍ ବହୁତ ପସନ୍ଦ ଆସିଲା । ଖଲିଫତୁଲ୍ ମସିହ୍ ବହୁତ ଥଣ୍ଡା ମିଜାଜ୍ ଓ ଶାନ୍ତିପ୍ରିୟ ବ୍ୟକ୍ତି ରୂପେ ଅନୁଭବ ହେଉଛନ୍ତି ।

ଆଉ ଜଣେ ଅତିଥି ଷ୍ଟିଫାନ୍ ଜସ୍‌ବର୍ଗ କହିଲେ ଯେ ଖଲିଫତୁଲ୍ ମସିହ୍ ଜଣେ ବନ୍ଧୁତ୍ୱପୂର୍ଣ୍ଣ ବ୍ୟକ୍ତି ରୂପେ ଜଣାପଡୁଛନ୍ତି । ତାଙ୍କଠାରେ ମାନବ ସୁଲଭ ଗୁଣ ଗୁଡିକ ଏକତ୍ରିତ ହୋଇଛି । ଭିତି ପ୍ରସ୍ତର ଉତ୍ସବରେ ମୁସଲମାନ ମହିଳାଙ୍କୁ ଓ ପିଲାଙ୍କୁ ମଧ୍ୟ ମୂଳଦୁଆ ରଖିବା ପାଇଁ ମୌକା ଦିଆଗଲା । ଏହି କଥା ମୋତେ ବହୁତ ପ୍ରଭାବିତ କରିଛି ।

ଆଉ ଜଣେ ଅତିଥି ମହିଳା କହିଲେ ଯେ ପଡ଼ୋଶୀମାନଙ୍କ ସମ୍ବନ୍ଧରେ ଯେଉଁ ଶିକ୍ଷା ଖଲିଫତୁଲ୍ ମସିହ୍ ଉପସ୍ଥାପନ କଲେ ତାହା ବହୁତ ଉତମ ଥଲା । ଜଣେ ଇସାଇ ହୋଇଥିଲେ ମଧ୍ୟ ସେ କହିଲେ ଯେ ଆମ ପାଖରେ ଏପରି ଶିକ୍ଷା ଥାଆନ୍ତା କି ।

ଆଉ ଜଣେ ଅତିଥି ମାର୍ଟିନ୍ ସାହେବ୍ କହିଲେ ମହିଳାମାନଙ୍କ ଅଧିକାର ବିଷୟରେ ଖଲିଫତୁଲ୍ ମସିହ୍ ଯେପରି ବର୍ଣ୍ଣନା କଲେ ତାହା ବହୁତ ଉତମ ଥିଲା ।

ଜଣେ ମୁସଲମାନ୍ ବନ୍ଧୁ ଯିଏ ଉତ୍ସବ ସମୟରେ ଦ୍ୱିତୀୟ ଲାଇନ୍‌ରେ ଚୁପ୍ ହୋଇ ବସିଥିଲେ ଓ ହଜୁର୍ ଅନୁଓ୍ୱରଙ୍କର ଭାଷଣ ଶୁଣୁଥିଲେ, ପରେ ହଜୁର୍‌ଙ୍କ ସହିତ ହାତ ମିଳାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ସେ ହଜୁର୍ ଅନୁଓ୍ୱରଙ୍କର ପବିତ୍ର ବ୍ୟକ୍ତିତ୍ୱ ଦ୍ୱାରା ଏତେ ପ୍ରଭାବିତ ହେଲେ ଯେ ନିଜ ଭାବନା ଉପରେ କାବୁ ରଖିପାରିଲେ ନାହିଁ ଏବଂ ତାଙ୍କ ଆଖିରୁ ଅଶ୍ରୁ ବହିଚାଲିଲା । କହିଲେ ଯେ ମୋ ପରି ଏକ ଅଭାଗା ବ୍ୟକ୍ତିକୁ ଏତେବଡ଼ ବ୍ୟକ୍ତିତ୍ୱଙ୍କ ସହିତ ହାତ ମିଳାଇବାର ସୌଭାଗ୍ୟ ପ୍ରାପ୍ତ ହେଲା । ଏହାକୁ ବର୍ଣ୍ଣନା କରିବା ପାଇଁ ମୋ ପାଖରେ ଭାଷା ନାହିଁ ।

### ଇଲେକ୍‌ଟ୍ରୋନିକ୍ ଏବଂ ପ୍ରିଂଟ୍ ମିଡ଼ିଆର କଭ୍‌ରେଜ୍

ରୋନ୍ ହାଇମ୍ ମସ୍‌ଜିଦ୍ ଏବଂ ମାର୍‌ବର୍ଗ ମସ୍‌ଜିଦ୍‌ର ଭିତି ପ୍ରସ୍ତର ସ୍ଥାପନ ଅବସରରେ ଜର୍ମାନୀର ଇଲେକ୍‌ଟ୍ରୋନିକ୍ ଏବଂ ପ୍ରିଂଟ୍ ମିଡ଼ିଆ ବହୁତ ବିସ୍ତାରିତ ରୂପେ କଭ୍‌ରେଜ୍ ଦେଇଛନ୍ତି । ଏହି ଇଲେକ୍‌ଟ୍ରୋନିକ୍ ଏବଂ ପ୍ରିଂଟ୍ ମିଡ଼ିଆର ବ୍ୟାଖ୍ୟ ଏପରି ଯେ ଗୋଟିଏ ଟି.ଭି ଚ୍ୟାନେଲ୍ ଏବଂ ୨୨ଟି ଖବରକାଗଜ ଜରିଆରେ ଉକ୍ତ ମସ୍‌ଜିଦ୍ ଗୁଡ଼ିକର ଭିତିସ୍ଥାପନର ୨୬ଟି ଖବର ୧,୮୯,୯୦,୭୮୯ ଲୋକ ପର୍ଯ୍ୟନ୍ତ ପହଂଚିଲା ।

| ଟି.ଭି ଚ୍ୟାନେଲ୍ | ସଂଖ୍ୟା |
|---|---|
| Rheilland | |
| Pfalz/Hessen | |
| **ଟି.ଭି ଚ୍ୟାନେଲ୍** | **ସଂଖ୍ୟା** |
| Allgeneine Zeitung | 174158 |
| Arcor | 1274500 |
| Bild.de | 9132186 |
| Echo onlin | 146620 |
| FAZ.NET | 3833239 |
| Focus online | 3956478 |
| Gelnhauser Tageblatt | 778 |
| Giebeler Anzeiger | 46296 |
| Hochster Kreisblatt | |
| Kreis Anzeiger | 7191 |
| Lauter Bacher Angeiger | 529 |
| Mittel Hessen.de | 44135 |
| Nassauische Neue Tresse | |
| Neu Isenburger Neue treff | |
| Oberhess Ische Tresse | 33579 |
| Oberhess Ische zeitung | 12445 |
| Rehhsel Sheimer Echo | |
| Schwab Ische.de | 220110 |
| Taunus zeitung | |
| Usinger Anzeiger | 1814 |
| Wiefbadener Kurier | 83920 |
| Womser Zeitung | 22929 |
| **ସର୍ବମୋଟ ସଂଖ୍ୟା** | **18990907** |

ଅନ୍‌ଲାଇନ୍ ଖବରକାଗଜ SCHWAEBIFCHE.DE ନିଜ ଇଂଟରନେଟ୍ ପ୍ରସାରଣରେ ଏପରି ହେଡ୍‌ଲାଇନ୍ ଦେଇଥିଲା । ''ମସ୍‌ଜିଦ୍‌ର ଉଦ୍‌ଘାଟନ ନମ୍ର ସ୍ୱଭାବ ଖଲିଫା'' ଦ୍ୱିତୀୟ ହେଡ୍‌ଲାଇନ୍‌ରେ ଲେଖିଲା ''ଆଗସ୍‌ବର୍ଗରେ ମସ୍‌ଜିଦ୍‌ର ଉଦ୍‌ଘାଟନ ଅବସରରେ ବାଭାରିଆର ଲୋକମାନେ ଏକତ୍ରିତ'' ତୃତୀୟ ହେଡ୍‌ଲାଇନ୍‌ରେ ଲେଖିଲା ''ଅସଜଡ଼ା ଦାଢ଼ି ମାନଙ୍କର ଇସ୍‌ଲାମ୍ ନାହିଁ'' ।

ଅଧିକାଂଶ ଜର୍ମାନୀ ଲୋକଙ୍କର ଏ ମନୋଭାବ ଯେ ଇସ୍‌ଲାମ୍ ଗୋଟିଏ ସିମୀତ ପରିଧି ଭିତରେ ରହିଛି । ବହୁତ ଲୋକଙ୍କୁ ଇସ୍‌ଲାମ୍‌ରେ ବିପଦ ଦୃଷ୍ଟିଗୋଚର ହେଉଛି । ୱାର୍ଲଡ୍‌ହୋଟ୍ ଏବଂ ଆଗସ୍‌ବର୍ଗରେ ଯମାତ ଅହେମଦୀୟା ନୂଆ ମସ୍‌ଜିଦ୍‌ର ଉଦ୍‌ଘାଟନ କରିଛି । ଅଧିକାଂଶ ସୁନ୍ନି ଲୋକମାନେ ଏହାର ବିରୋଧ କରିଛନ୍ତି ।

ଏହି ଯମାତ୍‌କୁ ନିକଟରେ ଦେଖିବା ଏକ ସୁନ୍ଦର ଅଭିଜ୍ଞତା ଅଟେ । ଆଗସ୍‌ବର୍ଗ୍‌ର ଓବର ହାଉଜେନ୍ ମହଲାରେ ପିଲାମାନେ ଉତ୍ସବ ମୁଖରିତ ହୋଇ ସୁନ୍ଦର ପୋଷାକ ପରିଧାନ କରି ଖୁସି ଏବଂ ପୁଣ୍ୟର ଗୀତ ଗାଉଥିଲେ । ସୂର୍ଯ୍ୟ ବାହାରିଥିବା ସେ ସମୟରେ ଯମାତ୍‌ର ଖଲିଫା ବାହାରକୁ ଆସିଲେ । ହଜରତ୍ ମିର୍ଜା ମସରୁର୍ ଅହେମଦ୍ ସମଗ୍ର ସଂସାରରେ ବ୍ୟାପିଥିବା ଉଣା ଅଧିକେ ୧୦୦ ମିଲିଅନ୍ ଅହେମଦୀମାନଙ୍କର ନିର୍ବାଚିତ ଇମାମ୍ ଅଟନ୍ତି । ଯଦି ସ୍ୱାବେନ ଇଲାକାର ଯାତ୍ରା କେବଳ ଯମାତ୍‌ର ଖଲିଫାଙ୍କୁ ଦେଖିବାପାଇଁ କରାଯାଇଥାନ୍ତା ତେବେ ଏହା ମଧ୍ୟ ଯଥେଷ୍ଟ ଥିଲା । ଆପଣଙ୍କର ବ୍ୟକ୍ତିତ୍ୱ ପ୍ରଭାବଶାଳୀ ଅଟେ । ଆପଣଙ୍କର ବୟସ ୬୬ ବର୍ଷ ଏବଂ ଆପଣ ଦାମ୍ଭିକ ବ୍ୟକ୍ତି ଅଟନ୍ତି ।...

**(Allgeneile Zeitung Mainz ଖବରକାଗଜ ନିଜର ୧୮ ଏପ୍ରିଲ୍ ୨୦୧୭ ପ୍ରକାଶନୀରେ ଏହି ହେଡ୍‌ଲାଇନ୍ ସହିତ ଖବର ଛାପିଥିଲା – ''ଅହେମଦୀ ଦୁଇଟି ନୂଆ ମସ୍‌ଜିଦ୍ ବନାଇବେ'')**

ଅହେମଦୀୟା ମୁସ୍‌ଲିମ୍ ଯମାତ୍ ହେସେନ୍ ପ୍ରଦେଶରେ ଦୁଇଟି ମସ୍‌ଜିଦ୍ ନିର୍ମାଣ କରୁଅଛି । ଯମାତ୍‌ର ଇନାମ୍ ହଜରତ୍ ମିର୍ଜା ମସ୍‌ରୁର୍ ଅହେମଦ୍ ମଙ୍ଗଳବାର ସଂଧ୍ୟା ସମୟରେ ରୋନ୍ ହାଏମ୍ ଠାରେ ଗୋଟିଏ ମିନାର ଥିବା ମସ୍‌ଜିଦ୍‌ର ଭିତିପ୍ରସ୍ତର ସ୍ଥାପନ କରିବେ । ବୁଧବାର ଦିନ ଯମାତ୍‌ର ଖଲିଫା ମାର୍‌ବର୍ଗ ସହରରେ ଗୋଟିଏ ମସ୍‌ଜିଦ୍‌ର ଭିତି ପ୍ରସ୍ତର ସ୍ଥାପନ ପାଇଁ ପହଂଚିବେ ।...

**(Frank furter Allgeneine ଖବରକାଗଜ ନିଜର ୧୮ ଏପ୍ରିଲ ୨୦୧୭ ପ୍ରକାଶନୀରେ ଏହି ହେଡ୍‌ଲାଇନ୍ ସହିତ ଖବର ଛାପିଲା ଯେ ''ଖଲିଫା ଯମାତ୍ ସହିତ ଭିତି ପ୍ରସ୍ତର ସ୍ଥାପନର ଉତ୍ସବ'' ଦ୍ୱିତୀୟ ହେଡ୍‌ଲାଇନ୍‌ରେ ଲେଖିଲା ''ଯମାତ୍ ଅହେମଦୀୟା ଦୁଇଟି ନୂଆ ମସ୍‌ଜିଦ୍ ନିର୍ମାଣ କରୁଅଛି'')**

ମଙ୍ଗଳବାର ଦିନ ରୋନ୍ ହାଏମ୍‌ଠାରେ ଏବଂ ବୁଧବାର ଦିନ ମାର୍‌ବର୍ଗଠାରେ ଅହେମଦୀୟା ମୁସ୍‌ଲିମ୍ ଯମାତ୍ ଏକାସାଥିରେ ଦୁଇଗୋଟି ମସ୍‌ଜିଦ୍ ନିର୍ମାଣ କରୁଅଛି । ହେସେନ୍ ପ୍ରଦେଶରେ ଯମାତ୍‌ର ସଂଖ୍ୟା ୧୫୦୦୦ ଅଟେ ।... ଜର୍ମାନୀରେ ଯମାତ୍‌ର ମେମ୍ବରମାନଙ୍କ ସଂଖ୍ୟା ୪୫୦୦୦ ।... ଜର୍ମାନୀରେ ୫୧ ଟି ମସ୍‌ଜିଦ୍ ମଧ୍ୟରୁ ଅଧା ହେସେନ୍ ପ୍ରଦେଶରେ ଅଛି । ପ୍ରଥମ ମସ୍‌ଜିଦ୍ ହେମ୍‌ବର୍ଗଠାରେ ୧୯୫୪ ମସିହାରେ ତିଆରି ହୋଇଥିଲା ଏବଂ ଦ୍ୱିତୀୟ ମସ୍‌ଜିଦ୍‌ଟି ୧୯୫୯ ମସିହାରେ ନିର୍ମାଣ କରାଯାଇଥିଲା ଯାହାର ନାମ ନୁର୍ ମସ୍‌ଜିଦ୍ ଅଟେ । ଜର୍ମାନୀରେ ୧୦୦ ଟି ମସ୍‌ଜିଦ୍ ନିର୍ମାଣ ହେବାର ଯୋଜନା ରଖାଯାଇଛି । ବର୍ତମାନ ୧୦ ଟି ମସ୍‌ଜିଦ୍ ନିର୍ମାଣ କାର୍ଯ୍ୟ ଜାରି ରହିଛି ।

### ୨୦ ଏପ୍ରିଲ ୨୦୧୭ (ଗୁରୁବାର)

ହଜୁର୍ ଅନୁଓ୍ୱର୍ ଅ:ବ:ଅ ସକାଳ ୫:୧୫ରେ ମସ୍‌ଜିଦ୍‌କୁ ଆସି ନମାଜ ଫଜର୍ ପଢ଼ାଇଲେ । ପୁଣି ସକାଳେ ଦଫତର୍ ଆସି ଚିଠିପତ୍ର ଏବଂ ରିପୋର୍ଟସ୍ ଗୁଡ଼ିକୁ ଦେଖିଲେ । ନିଜ କର କମଳ ଦ୍ୱାରା ସେଇ ଚିଠି ଓ ରିପୋର୍ଟସ୍ ଉପରେ ନିର୍ଦ୍ଦେଶ ଲେଖିଲେ । ଏହିପରି ଶହ ଶହ ଚିଠିପତ୍ର ଓ ଶହ ଶହ ରିପୋର୍ଟସ୍ ପ୍ରତ୍ୟହ ଆପଣ ଦେଖନ୍ତି ଏବଂ ତାର ଉତର ମଧ୍ୟ ଦିଅନ୍ତି । ଦିନ ୨ ଟାରେ ନମାଜ ଜୋହର୍ ଏବଂ ଅସର ଏକତ୍ର କରି ପଢ଼ାଇଲେ । ଏହାପରେ ଆପଣ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

### ଫ୍ୟାମିଲି ସାକ୍ଷାତ୍କାର

ଏହାପରେ ପ୍ରୋଗ୍ରାମ୍ ମୁତାବକ ସଂଧ୍ୟା ୬:୧୫ ମି. ରେ ହଜୁର୍ ଅନ୍ୱର୍ ନିଜ ଦଫତରକୁ ଆସି ଫ୍ୟାମିଲି ସାକ୍ଷାତ୍କାରର ପ୍ରୋଗ୍ରାମ୍ ଆରମ୍ଭ କରାଇଲେ । ଆଜି ସଂଧ୍ୟାର ଏହି ସେସନ୍‌ରେ ୩୯ ଟି ଫ୍ୟାମିଲିରୁ ୧୪୮ ଜଣ ସଭ୍ୟ ନିଜ ପ୍ରିୟ ଆକାଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ସେହିପରି ସମସ୍ତେ ହଜୁରଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ମଧ୍ୟ ପାଇଲେ । ଛାତ୍ରଛାତ୍ରୀମାନଙ୍କୁ ହଜୁର୍ ଅନ୍ୱର୍ କଲମ ଉପହାର ଦେଲେ । ସେହିପରି ଛୋଟ ଛୋଟ ପିଲାମାନଙ୍କୁ ଚକୋଲେଟ୍ ପ୍ରଦାନ କଲେ ।... ଏହି ସାକ୍ଷାତ୍କାର୍ ପ୍ରୋଗ୍ରାମ୍ ସଂଧ୍ୟା ୮:୧୦ ମି. ପର୍ଯ୍ୟନ୍ତ ଜାରି ରହିଲା । ଏହାପରେ ମୋକରମ୍ ଆବିଦ୍ ୱହିଦ୍ ଖାନ୍ ସାହେବ ଇନ୍‌ଚାର୍ଯ ପ୍ରେସ୍ ଏବଂ ମିଡ଼ିଆ ଅଫିସ୍ ଏବଂ ମୋକରମ୍ ଅବ୍‌ଦୁଲ୍ ସମୀ ସାହେବ ବଇତୁଲ୍ ସବୁହୁର ନିରୀକ୍ଷକ ହଜୁର୍ ଅନ୍ୱରଙ୍କ ଦଫ୍ତରି ସାକ୍ଷାତ୍କାର୍ କରିବାର ସୌଭାଗ୍ୟ ପାଇଲେ । ୮:୪୫ ରେ ହଜୁର୍ ଅନ୍ୱର୍ ନମାଜ ମଗରିବ ଓ ଇଶା ଏକତ୍ର କରି ପଢ଼ାଇଲେ । ତାପରେ ନିଜ ଆବାସସ୍ଥଳୀକୁ ପ୍ରତ୍ୟାବର୍ତନ କଲେ ।

⌘⌘⌘⌘⌘⌘⌘⌘⌘⌘

### ୨୧ ଏପ୍ରିଲ୍ ୨୦୧୭ (ଶୁକ୍ରବାର)

ହଜୁର୍ ଅନ୍ୱର୍ ସକାଳ ୫:୧୫ ରେ ନମାଜ ଫଜର୍ ପଢ଼ାଇଲେ । ନମାଜ ପରେ ନିଜ ଆବାସସ୍ଥଳୀକୁ ଯାଇ ବିଭିନ୍ନ ଦଫତରି କାର୍ଯ୍ୟରେ ଲିପ୍ତ ରହିଲେ ।

ଆଜି ପବିତ୍ର ଜୁମାର ଦିବସ ଥିଲା । ଜୁମା ନମାଜ ପଢ଼ିବାର ବ୍ୟବସ୍ଥା ବଇତୁଲ୍ ସବୁହୁ ଠାରୁ ପାଖାପାଖି ୩୪ କି.ମି. ଦୂରତାରେ ରୋନ୍ ହାଏମ୍ ଇଲାକାରେ ଏକ ବିଶାଳ ଟେଂଟ୍ ଲଗାଇ କରାଯାଇଥିଲା । ଏହା ସେହି ସ୍ଥାନ ଯେଉଁଠି ୧୪ ଏପ୍ରିଲ୍ ଦିନ ମଧ୍ୟ ଜୁମା ପଢ଼ା ଯାଇଥିଲା ।... ପାଖାପାଖି ୬୦୦୦ ଲୋକେ ହଜୁରଙ୍କ ପଛରେ ନମାଜ ଜୁମା ପଢ଼ିବାର ସୌଭାଗ୍ୟ ପ୍ରାପ୍ତ କଲେ ।... ହଜୁରଙ୍କର ଏହି ଖୁତ୍‌ବା ଜୁମା ଏମ.ଟି.ଏ ଇଂଟର୍ ନ୍ୟାସିନାଲ୍ ମାଧ୍ୟମରେ ସିଧା ପ୍ରସାରଣ ହୋଇ ସାରା ଦୁନିଆରେ ଦେଖାହେଲା ।... ସଂଧ୍ୟା ୫:୧୫ ରେ ହଜୁର୍ ଦଫତର୍ ଆସିଲେ ଓ ନ୍ୟାସିନାଲ୍ ସେକ୍ରେଟାରୀ ମାଲ୍ ଜର୍ମାନୀ ମୋକରମ୍ ତାରିକ୍ ମେହ୍‌ମୁଦ୍ ସାହେବ ହଜୁର୍ ଅନ୍ୱରଙ୍କ ସହିତ ଦଫ୍ତରି ସାକ୍ଷାତ୍କାର କଲେ ।...

### ନ୍ୟାଶ୍‌ନାଲ୍ ମଜ୍‌ଲିସ୍ ଆମେଲା ଲଜ୍‌ନା ଇମାଉଲ୍ଲା ଜର୍ମାନୀ ଓ ସଦରାତ ଲଜ୍‌ନା ମାନଙ୍କ ସହିତ ହଜୁର୍ ଅନ୍ୱରଙ୍କର ମିଟିଙ୍ଗ୍

ପ୍ରୋଗ୍ରାମ୍ ମୁତାବକ ଆଜି ନ୍ୟାଶ୍‌ନାଲ୍ ମଜ୍‌ଲିସ୍ ଆମେଲା ଲଜ୍‌ନା ଇମାଉଲ୍ଲା ଜର୍ମାନୀ ଏବଂ ଆଜି ଲଜ୍‌ନା ସମସ୍ତ ମଜଲିସ୍‌ର ସଦରାତମାନଙ୍କ ସହିତ ହଜୁର୍ ଅନ୍ୱରଙ୍କର ମିଟିଙ୍ଗ୍ ରଖାଯାଇଥିଲା । ଏହାର ବ୍ୟବସ୍ଥା ସ୍ପୋର୍ଟସ୍ ହଲ୍‌ରେ କରାଯାଇଥିଲା । ଏହି ମିଟିଙ୍ଗ୍‌ରେ ନ୍ୟାଶ୍‌ନାଲ୍ ମଜ୍‌ଲିସ୍ ଆମେଲା ଲଜ୍‌ନା ଜର୍ମାନୀର ୨୫ ଜଣ ସଭ୍ୟାଙ୍କ ବ୍ୟତୀତ ୨୬ ଜଣ ରିଜିଓନାଲ୍ ସଦରାତ୍ ଏବଂ ୨୫୭ ଜଣ ସ୍ଥାନୀୟ ମଜଲିସ୍‌ର ସଦରାତ୍ ସାମିଲ୍ ହୋଇଥିଲେ । ହଜୁର୍ ଅନ୍ୱର୍ ଜଣକ ପରେ ଜଣେ ସେକ୍ରେଟାରୀଙ୍କ ଠାରୁ ମଜ୍‌ଲିସ୍ ବିଷୟରେ ପଚାରି ବୁଝିଲେ । ଏବଂ ସୁଚାରୁରୂପେ କାର୍ଯ୍ୟ ତୁଲାଇବା ପାଇଁ ଉପଦେଶମାନ ଦେଲେ ।...ହଜୁର୍ ଅନ୍ୱର୍ ସେକ୍ରେଟାରୀ ତବଲିଗଙ୍କ ଠାରୁ ବୟତର ଟାର୍ଗେଟ ବିଷୟ ପଚାରି ବୁଝିଲେ । ଉତରରେ ସେକ୍ରେଟାରୀ ସାହିବା କହିଲେ ଆମପାଇଁ ସ୍ପେଶାଲ୍ ଟାର୍ଗେଟ୍ ନାହିଁ । ଏଥିରେ ହଜୁର୍ ଅନ୍ୱର୍ କହିଲେ ଜଲସା ସାଲାନା ବ୍ରିଟେନ୍ ପର୍ଯ୍ୟନ୍ତ ୧୦୦ ଗୋଟି ବୟତ୍‌ର ଟାର୍ଗେଟ ଦିଆଯାଉଛି । ଆପଣଙ୍କ ପାଖରେ ୧୮୦୦ ଦାଇ ଇଲଲ୍ଲାଃ ଅଛନ୍ତି । ଏହି ୧୦୦ ଟି ବୟତ୍‌ର ଟାର୍ଗେଟ୍ ଯଦି ଭାଗ କରାଯିବ ତେବେ ୧୮ ଜଣ ଲୋକଙ୍କୁ ଗୋଟିଏ ବୟତ କରାଇବା ପାଇଁ ପଡିବ ।... ଏହିପରି ହଜୁର୍ ଅନ୍ୱର୍ ସେକ୍ରେଟାରୀ, ଇଶାଅତ, ନ୍ୟାସିନାଲ୍ ସେକ୍ରେଟାରୀ ତାଲିମ, ନ୍ୟାସିନାଲ୍ ଜେନେରାଲ୍ ସେକ୍ରେଟାରୀ, ସେଗ୍ରେଟାରୀ ତଜ୍‌ନିଦ୍, ସେକ୍ରେଟାରୀ ତରବିୟତ୍, ସେକ୍ରେଟାରୀ ନାସିରାତ, ସେକ୍ରେଟାରୀ ଖିଦ୍‌ମତ୍ ଖଲ୍‌କ, ତହେରିକେ ଯଦିଦ୍, ୱକ୍‌ଫେ ଯଦିଦ୍ ଓ ସେକ୍ରେଟାରୀ ମାଲ୍ ଇତ୍ୟାଦି ସେକ୍ରେଟାରୀ ମାଲ୍‌ଙ୍କ ଠାରୁ ପ୍ରତ୍ୟେକ ବିଷୟ ବୁଝିଲେ ଓ ଉପଦେଶମାନ ଦେଲେ ।...

ଏହାପରେ ହଜୁର୍ ଅନ୍ୱର୍ ସହଯୋଗୀ ସଦର (ୱସିୟତ୍ ନିମନ୍ତେ)ଙ୍କ ଠାରୁ ମୁସିୟାତ୍‌ଙ୍କ ସଂଖ୍ୟା ବିଷୟରେ ପଚାରି ବୁଝିଲେ । ସେ କହିଲେ ମୁସିୟାତଙ୍କ ସଂଖ୍ୟା ୫୨୨୮ । ପୁଣି ହଜୁର୍ ଅନ୍ୱର୍ ନିର୍ଦ୍ଦେଶ ଦେଲେ ଯେ ରୋଜଗାର କରୁଥିବା ମେମ୍ବର୍‌ମାନଙ୍କୁ ୱସିୟତ୍ କରାଇବା ପାଇଁ ଚେଷ୍ଟା କରାନ୍ତୁ ।...

ଜଣେ ମେମ୍ବର୍ ପଚାରିଲେ କି ଯଦି କୌଣସି ମେମ୍ବର୍ ୱାଦା ଲେଖାଇବା ପରେ ତାକୁ ପୁରା ନ କରି ପାରିଲେ ତେବେ ତାଙ୍କ ପାଇଁ ବାକି ରକମ ପଇଠ କରିବା ଜରୁରୀ ହେବ କି ? ଏହାର ଉତରରେ ହଜୁର୍ କହିଲେ ଯଦି କିଏ ଉତ୍ସାହିତ ହୋଇ ୱାଦା ଲେଖାଇଛି ଏବଂ କୌଣସି କାରଣରୁ ତାହା ପୁରଣ କରିପାରିନାହିଁ ତେବେ ତାହା କ୍ଷମା ହୋଇପାରିବ ।

ଆଉଜଣେ ମେମ୍ବର୍ ପ୍ରଶ୍ନ କଲେ ଯଦି କୌଣସି ମେମ୍ବର୍ ଯମାତି ଚାନ୍ଦା ପଇଠ କରୁଛନ୍ତି କିନ୍ତୁ ତନ୍‌ଜିମ୍‌ର ଚାନ୍ଦା ଦେଉନାହାଁନ୍ତି ତେବେ କଣ ସିଏ ତଓ୍ଵ ଚାନ୍ଦା ଦେଇପାରିବେ । ଏଥିରେ ହଜୁର୍ କହିଲେ ଦେଇପାରିବେ କିନ୍ତୁ ସେ ଲଜ୍‌ନାର ୱହ୍‌ଦାଦାର୍ ହୋଇପାରିବେ ନାହିଁ ।...

ଜଣେ ସେକ୍ରେଟାରୀ କହିଲେ ପାଖାପାଖି ୩୦୦ ମେମ୍ବର୍ ଏପରି ଅଛନ୍ତି ଯେଉଁମାନଙ୍କ ସହିତ ସମ୍ପର୍କ ନାହିଁ । ହଜୁର୍ ଅନ୍ୱର୍ କହିଲେ ଏମାନଙ୍କ ପାଖକୁ ତରବିୟତ୍ ସେକ୍ରେଟାରୀ ଯାଆନ୍ତୁ ଓ ସମ୍ପର୍କ ରଖନ୍ତୁ ।...

ଆଉଗୋଟିଏ ପ୍ରଶ୍ନ ହେଲା ଯେ ଆମେ କଣ ଶହିଦ୍ ମାନଙ୍କ ନାଁରେ ଚାନ୍ଦା ଦେଇପାରିବୁ ? ଉତରରେ ହଜୁର୍ କହିଲେ ଦେଇପାରିବେ । ଲୋକେ ଆଁ ହଜ୍‌ରତ୍ ସ:ଆ:ସଙ୍କ ନାମରେ ଓ ସାହାବାଙ୍କ ନାମରେ ଚାନ୍ଦା ଦେଉଛନ୍ତି ।

ଆଉଜଣେ ମେମ୍ବର୍ ପ୍ରଶ୍ନ କଲେ ମରିଯାଇଥିବା ଲୋକଙ୍କର ୱସିୟତ୍ ଚାନ୍ଦାକୁ ତାଙ୍କ ସନ୍ତାନମାନେ ଜାରି ରଖିପାରିବେ କି ? ଏଥିରେ ହଜୁର୍ କହିଲେ ତାଙ୍କ ମାମଲା ଶେଷ ହୋଇଯାଇଛି । ତାହା ଅଲ୍ଲାଙ୍କ ପାଖରେ ଅଛି ।

ଆଉଗୋଟିଏ ପ୍ରଶ୍ନ କରାଗଲା ଯେ ଏପରି ମେମ୍ବର୍‌ମାନେ ଯେଉଁମାନେ ଯମାତ୍‌ର ପ୍ରୋଗ୍ରାମ୍ ଓ ଇଜ୍‌ଲାସ୍‌ରେ ସାମିଲ୍ ହେଉନାହାଁନ୍ତି ସେମାନଙ୍କ ଯୋଗୁଁ ମଜ୍‌ଲିସ୍‌ର ଚୟନ ସମୟରେ ସମସ୍ୟା ସୃଷ୍ଟି ହେଉଛି ଓ କୋରମ ପୁରା ହେଉନାହିଁ । ଏଥିରେ ହଜୁର୍ ଅନ୍ୱର୍ କହିଲେ ଏହା ଲେଖି ପଠାନ୍ତୁ । ଏମାନଙ୍କୁ ତଜ୍‌ନିଦ୍‌ରୁ ବାହାର କରିଦେଲେ କୋରମ୍ ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ ।

ଆଉ ଗୋଟିଏ ପ୍ରଶ୍ନ କରାଗଲା ଯେ ଯମାତ ୨୦୨୩ ମସିହାରେ ରେଡ଼ିଓ ଚ୍ୟାନେଲ୍ ଖୋଲିବାର ଯୋଜନା କରୁଛି । ଏଥିରେ ଲଜ୍‌ନା ମାନେ କିପରି ସାହାଯ୍ୟ କରିପାରିବେ ? ଏଥିରେ ହଜୁର୍ କହିଲେ ଲଜ୍‌ନା ସାହାଯ୍ୟ କରିପାରିବେ । ୟୁ.କେ ଠାରେ ରେଡ଼ିଓ ଭଏସ୍ ଅଫ୍ ଇସଲାମ୍‌ର ଟିମ୍ ଅଛନ୍ତି । ଲଜ୍‌ନା ଏଥିରେ ଭାଗ ନେଉଛନ୍ତି । ତେଣୁ ତାଙ୍କ ସହିତ ଯୋଗାଯୋଗ କରନ୍ତୁ ।

ଆଉଗୋଟେ ପ୍ରଶ୍ନ କରାଗଲା ଯେ ଯେଉଁ ୱକ୍‌ଫେ ନୌ ପିଲାମାନେ ନିଜର ୱକ୍‌ତ ଜାରି ରଖୁନାହାନ୍ତି ସେମାନଙ୍କୁ କଣ କୌଣସି ୱହ୍‌ଦା ଦିଆଯାଇପାରିବ ? ଏହି ପ୍ରଶ୍ନର ଉତରରେ ହଜୁର୍ କହିଲେ ଦିଆଯାଇପାରିବ ।

ହଜୁର୍ ଅନ୍ୱର୍ ସହିତ ଏହି ମିଟୀ ସଂଧ୍ୟା ୮:୩୦ ପର୍ଯ୍ୟନ୍ତ ଜାରି ରହିଲା । ଏହାପରେ ହଜୁର୍ ମସ୍‌ଜିଦ୍‌ର ପୁରୁଷମାନଙ୍କ ନିମନ୍ତେ ଥିବା ହଲ୍‌ରେ ପଦାର୍ପଣ କଲେ । ପ୍ରୋଗ୍ରମା ମୁତାବକ ତକ୍‌ରିବେ ଆମିନ୍ ଅନୁଷ୍ଠିତ ହେଲା ।

### ତକ୍‌ରିବେ ଆମିନ୍

ହଜୁର୍ ଅନ୍ୱର୍ ଅ:ବ:ଅ ନିମ୍ନଲିଖିତ ୨୯ ଜଣ ପୁଅ ଝିଅଙ୍କ ଠାରୁ ପବିତ୍ର କୋରାନ୍‌ରୁ ଗୋଟିଏ ଗୋଟିଏ ଆୟତ ଶୁଣିଲେ । ଶେଷରେ ଦୁଆ କରାଇଲେ ।

ଅଜିଜମ୍ ଅଜିମ୍ ଅବ୍‌ଦୁଲ୍ଲା, ନଜିର୍ ଅହେମଦ୍, ଖ୍ୱାଜା ଖାକାଲ ନାସିର୍, ଉମର୍ ଫାରୁକ୍, ନବୀଲ୍ ଅହେମଦ୍, ଶୋଏବ୍ ଖାନ୍, ଜି ଶାନ୍ ଆମୀର, ତାହେର୍ ଯାତିର୍ କାହାଲୁ, ତନହା ଗଫାର, ଜକି ଅହେମଦ୍ ଅଜିଜ, ସଇଦ୍ ଅହେମଦ୍, ଇସ୍‌ମାଇଲ ରହେମାନ, ଅବ୍‌ଦୁଲ୍ ମୁକିପ, ମଲକ ମାମୁର୍ ଅହେମଦ୍, ମୋହିଦ ଅହେମଦ୍, ଫାଶିର୍ ଅହେମଦ୍ ସାହି ।

ଅଜିଜା କାନତା ଅହେମଦ୍, ତାନିଆ ରାନା, ମାୟା ୟୁସୁଫ୍, ଅର୍ବିୟା ଅଇୱାନ୍, ୟସରା ଶାହ, ସାତେହା ରାଏ ଜାଇନା ଚୌଧୁରୀ, ଅନିକା ଅହେମଦ୍, ଦାନିଆ ସୋହେଲ୍, ଅଞ୍ଜଲା ଅଜମତ୍ ଚେଠା, ସଓ୍ଵେରା, ତୁବା ନଦୀମ, ନିଗାରଶ ଅହେମଦ୍ ।

ଆମିନ୍‌ର ଏହି ଉତ୍ସବ ପରେ ହଜୁର୍ ଅନ୍ୱର୍ ନମାଜ ମଗରିବ୍ ଓ ଇଶା ଜମା କରି ପଢ଼ାଇଲେ । ନମାଜ ପରେ ହଜୁର୍ ନିଜର ଆବାସସ୍ଥଳୀକୁ ଚାଲିଗଲେ । କ୍ରମଶଃ...

**(ବ ହୱାଲା ଅଖବାର୍ ବଦର୍ ୨୫ ମଇ ୨୦୧୭)**

**EDITOR**
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750
The Weekly Qadian **BADAR** ସାପ୍ତାହିକ ବଦର କାଦିଆନ
Distt: Gurdaspur (Pb.) INDIA Qadian - 143516
Postal Reg. No.GDP-40/2017-2019 Vol.2 Thursday 31 AUG 2017 Issue No. 35

**MANAGER**
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.300/- (Per Issue:Rs.6/-) (**WEIGHT** - 20-50gms/issue)

## ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଜର୍ମାନୀ ଗସ୍ତ ଏପ୍ରିଲ୍ ୨୦୧୭

### ଆମେ ଯେଉଁଠିକି ବି ଯାଉଛୁ ପ୍ରେମ ଓ ଶାନ୍ତିର ବାର୍ତା ଦେଉଅଛୁ

ଯେଉଁଠି ଯମାତ ଅହେମଦୀୟାର କଥା ଉଠୁଛି ଆମେ ଯେଉଁଠିକି ବି ଯାଉଛୁ ପ୍ରେମ ଓ ଶାନ୍ତିର ବାର୍ତା ଦେଉଅଛୁ ଏବଂ ଏହା ହେଉଛି ଇସ୍‌ଲାମ୍‌ର ଶିକ୍ଷା । ପବିତ୍ର କୋରାନର ଶିକ୍ଷା ମୁତାବକ ଯେଉଁଠି ପ୍ରତ୍ୟେକ ଅହେମଦୀ ନିଜ ମସ୍‌ଜିଦ୍‌ର ସୁରକ୍ଷା କରିଥାଏ ସେଠାରେ ସେ ଚର୍ଚ୍ଚର ମଧ୍ୟ ସୁରକ୍ଷାକାରୀ ହେଉ । ସେଠାରେ ସେ ସିନାଗାଗର ମଧ୍ୟ ସୁରକ୍ଷାକାରୀ ହେଉ । ଏବଂ ସେଠାରେ ସେ ଅନ୍ୟ ଧର୍ମର ଉପାସନା ପୀଠର ମଧ୍ୟ ସୁରକ୍ଷାକାରୀ ହେଉ ।

ମସ୍‌ଜିଦ୍ ନିର୍ମାଣ କରିବା ପରେ ଆମକୁ ଏହା ଧାର୍ଯ୍ୟ ହେଉଛି ଯେ ଆମେ ନିଜର ମସ୍‌ଜିଦର ସୁରକ୍ଷା କରିବା ସେହିପରି ତାର ସ୍ୱଚ୍ଛତା ପାଇଁ ମଧ୍ୟ ଧ୍ୟାନ ରଖିବା । ତାର ପରିବେଷକୁ ନିର୍ମଳ ରଖିବା । ସେହିପରି ଆମ ଉପରେ ଏହା ମଧ୍ୟ ଧାର୍ଯ୍ୟ ଯେ ଆମେ ନିଜର ପରିବେଶ ଭିତରେ ଯଦି ଅନ୍ୟ ଧର୍ମର ଉପାସନା ପୀଠମାନ ଅଛି ତେବେ ସେମାନଙ୍କର ସୁରକ୍ଷା ମଧ୍ୟ ଆମେ କରିବା ଉଚିତ୍ । ତତ୍ ସହିତ ତାଙ୍କର ପରିବେଶକୁ ମଧ୍ୟ ସଫାସୁତରା ରଖିବା ଉଚିତ୍ ।

ଇସ୍‌ଲାମ୍‌ର ପ୍ରତିଷ୍ଠାତା ହଜ୍‌ରତ୍ ମହମ୍ମଦ୍ ସ:ଆ:ସ କହିଛନ୍ତି ଯେ ଦେଶପ୍ରେମ ହେଉଛି ତୁମ ଇମାନ୍‌ର ଏକ ଅଂଶ । ତେଣୁ ଯେଉଁ ଯେଉଁ ଦେଶରେ ଯେଉଁଠାରେ ଅହେମଦୀ ରହୁଛନ୍ତି । ସେଠାରେ ସେ ଦେଶକୁ ପ୍ରେମ କରୁ । ଏବଂ ଦେଶର ଉନ୍ନତି ପାଇଁ କାର୍ଯ୍ୟ କରୁ ଓ ସେଠିକାର ଲୋକମାନଙ୍କ ମଧ୍ୟରେ ପ୍ରେମ ଓ ଶାନ୍ତିର ବାର୍ତା ପହଂଚାଉ ଓ ପ୍ରସାର କରୁ ।

ମସ୍‌ଜିଦ୍ ନିର୍ମାଣ ପରେ ଇନ୍‌ଶା ଆଲ୍ଲା ଆପଣମାନେ ଦେଖିବେ ଯେ ଏଠିକାର ରହୁଥିବା ଅହେମଦୀମାନେ ପୂର୍ବଠାରୁ ବଳି ଏଠିକାର ଲୋକଙ୍କର ଅଧିକାରକୁ ପ୍ରଦାନ କରିବେ ।

### ମାର୍‌ବର୍ଗରେ ମସ୍‌ଜିଦ୍‌ର ଭିତିସ୍ଥାପନ ଉତ୍ସବରେ ସୟଦ୍‌ନା ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ଆଧ୍ୟାତ୍ମିକ ଜ୍ଞାନବର୍ଦ୍ଧକ ଭାଷଣ

*(ରିପୋର୍ଟ:-ଅବ୍‌ଦୁଲ୍ ମାଜିଦ୍ ତାହେର୍, ଏଡ଼ିଶିନାଲ୍ ଓକିଲୁଲ୍ ତବ୍‌ଶିର୍ ଲଣ୍ଡନ୍)*

#### ସୟଦ୍‌ନା ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ଭାଷଣ

ଏହାପରେ ପ୍ରୋଗ୍ରାମ ମୁତାବକ ସଂଧ୍ୟା ୬:୨୦ ରେ ହଜୁର୍ ଅନୁଓ୍ୱର୍ ନିଜର ଭାଷଣ ପ୍ରଦାନ କଲେ । ହଜୁର୍ ଅନୁଓ୍ୱର୍ ତଶଉଦ୍, ତଉଜ ଏବଂ ତସ୍‌ନିଆ ପରେ କହିଲେ ସର୍ବ ପ୍ରଥମେ ତ ମୁଁ ସମସ୍ତ ସମ୍ମାନୀୟ ଅତିଥିମାନଙ୍କୁ ଅସ୍‌ସଲାମେ ଆଲୈକୁମ୍ ଓ୍ୱ ରହମତୁଲାହେ ଓ୍ୱ ବରକାତୁହୁ କହୁଅଛି । ସଲାମତି ଶାନ୍ତି ଓ ପ୍ରେମର ଉପହାର ଦେଉଅଛି । ବର୍ତମାନ ମୁଁ ଦେଖୁଅଛି ଯେ ବହୁତ ସଂଖ୍ୟାରେ ସ୍ଥାନୀୟ ଲୋକମାନେ ଆସି ଆମ ସଭାରେ ଯୋଗ ଦେଉଛନ୍ତି । ଆପଣମାନଙ୍କର ଏଠାକୁ ଆସିବା ନିଶ୍ଚିତ ରୂପେ ପ୍ରମାଣିତ କରୁଛି ଯେ ଆପଣମାନେ ବହୁତ ଖୋଲା ହୃଦୟର ଲୋକ । ଏପରି ଖୋଲା ହୃଦୟ ବ୍ୟକ୍ତିଙ୍କ ନିମନ୍ତେ ଯେତେ ପ୍ରେମ ଓ ଶାନ୍ତିର ଉପହାର ଦେଲେ ମଧ୍ୟ ତାହା କମ୍ ଅଟେ । ବାସ୍ତବିକତା ଏହା ହେଉଛି ଯେ ଯଦି ଆମେ ଖୋଲା ହୃଦୟ ରଖିବା, ଜଣେ ଅନ୍ୟ ଜଣକୁ ବୁଝିବା, ଜଣେ ଅନ୍ୟର ରାୟକୁ ଶୁଣିବା, ତେବେ ଯାଇ ସମାଜରେ ଶାନ୍ତି ଓ ସୌହର୍ଦ୍ୟ ଜନ୍ମ ହୋଇପାରିବ ।

ତେଣୁ ସର୍ବପ୍ରଥମେ ଯେଉଁଠି ମୁଁ ଆପଣମାନଙ୍କୁ ଶାନ୍ତିର ଉପହାର ଦେଲି ସେଠାରେ ଆପଣମାନଙ୍କୁ ଶୁଭେଚ୍ଛା ମଧ୍ୟ ଜଣାଉଛି ଯେ ଆପଣମାନଙ୍କ ମଧ୍ୟରେ ଏ ବିଶେଷ ଗୁଣ ଅଛି ଯେ ଆପଣମାନେ ଅନ୍ୟର କଥାକୁ ଶୁଣିବାକୁ ମଧ୍ୟ ଚାହୁଁଛନ୍ତି । ଏହାହିଁ ବାସ୍ତବିକତା, ଏହି କାରଣ ଅଟେ ଯେ ଆପଣମାନେ ଏ ସମୟରେ ଏଠାରେ ଉପସ୍ଥିତ ଅଛନ୍ତି । ଏଠାରେ ଆପଣମାନଙ୍କର ଉପସ୍ଥିତି ଏହା ପ୍ରମାଣ ଦେଉଛି ଯେ ଆପଣମାନେ ଚାହୁଁଛନ୍ତି ଯେ ଇସ୍‌ଲାମ୍ ସମ୍ବନ୍ଧରେ କିଛି ଶୁଣିବେ ଓ କିଛି ବୁଝିବେ । କାରଣ ଏହାର ସମ୍ପୂର୍ଣ୍ଣ ରୂପେ ଏପରି ଏକ ଫଙ୍କ୍‌ସନ୍ ଯାହା ଏକ ପ୍ରକାର ମୁସଲ୍‌ମାନଙ୍କ ନିମନ୍ତେ ଧର୍ମୀୟ ଫଙ୍କ୍‌ସନ୍ ଅଟେ । ଯେଉଁଠି ନିଜର ଉପାସନା ପୀଠ ପାଇଁ ମୂଳଦୁଆ ରଖାଯାଉଅଛି । ତେଣୁ ଏଠାକୁ ଆପଣମାନଙ୍କର ଆସିବା କୌଣସି ସାଂସାରିକ ଉଦ୍ଦେଶ୍ୟ ନିମନ୍ତେ ହୋଇନପାରେ । ନିଶ୍ଚିତ ରୂପେ ଆପଣମାନଙ୍କ ମନରେ ଏହି ଭାବନା ଥିବ ଯେ ବହୁତ ଲମ୍ବା ସମୟରେ ଆମେ ଏମାନଙ୍କୁ ଜାଣିଛୁ ଏବଂ ସେମାନଙ୍କ ସହିତ ସମ୍ପର୍କ ମଧ୍ୟ ଅଛି । ତେଣୁ ଆମେ ଏଠାକୁ ଯିବୁ । ଏଠାରେ ଯମାତ୍‌ର କାର୍ଯ୍ୟକଳାପ ମଧ୍ୟ ଅଛି ତାକୁ ତ ଆମେ ଦେଖିଛୁ ଏବଂ ବୁଝିଛୁ । କିନ୍ତୁ ମସ୍‌ଜିଦ୍‌ର ମୂଳଦୁଆ ରଖିବା ଉତ୍ସବରେ ଯାଇ ଦେଖିବା ଉଚିତ୍ ଯେ ସେଠି ସେମାନେ କିପରି ନିଜର ଫଙ୍କ୍‌ସନ୍ କରୁଛନ୍ତି ଓ କି ପ୍ରକାର କଥା ରଖୁଛନ୍ତି । ତେଣୁ ସେଥିଯୋଗୁଁ ଆପଣମାନେ ବାସ୍ତବରେ ପ୍ରଶଂସନୀୟ ।

ଦ୍ୱିତୀୟରେ ଏଠିକାର ରହୁଥିବା ଅହେମଦୀମାନେ ଯେଉଁମାନେ ଏଠି ରହୁଛନ୍ତି ତାଙ୍କ ଉପରେ ମୁଁ ମଧ୍ୟ ଖୁସି ଅଟେ ଯେ ସେମାନେ ଏଠାରେ ଆସି ସ୍ଥାନୀୟ ଲୋକମାନଙ୍କ ସହିତ ସୁସମ୍ପର୍କ ରଖିଛନ୍ତି ଏବଂ ଅହେମଦୀମାନଙ୍କ ସହିତ ଆପଣଙ୍କର ସମ୍ପର୍କ ଯୋଗୁଁ ଆପଣମାନେ ସେମାନଙ୍କ ନିମନ୍ତ୍ରଣ ପାଇ ଏଠାକୁ ଆସିଛନ୍ତି ଏବଂ ଏହି ସଭାର ସୌନ୍ଦର୍ଯ୍ୟ ବଢ଼ାଇଛନ୍ତି ।

ଯେଉଁଠି ଯମାତ୍ ଅହେମଦୀୟା ମୁସ୍‌ଲିମାର କଥା, ଆମେ ଯେଉଁଠିକି ବି ଯାଉଅଛୁ ପ୍ରେମ, ଶାନ୍ତି ଓ ସୌହାର୍ଦ୍ଦ୍ୟର ବାର୍ତା ଦେଉଅଛୁ । ଏହା ହିଁ ଇସ୍‌ଲାମ୍‌ର ଶିକ୍ଷା ଅଟେ । ଅମୀର୍ ସାହେବ୍ କହିଛନ୍ତି ଯେ ଏଠାରେ ଆମେ ଲୋକସେବାର କାର୍ଯ୍ୟ ଓ୍ୱାଲ୍‌ଡ଼ ପିପୁଲ୍ ହାଉସ୍ ରେ ବା ଅନ୍ୟ ବିଭିନ୍ନ ପ୍ରକାର ଚ୍ୟାରିଟି କାର୍ଯ୍ୟ କରୁଅଛେ । ଲୋକଙ୍କ ସେବା କରିବା ପ୍ରତ୍ୟେକ ବ୍ୟକ୍ତିର କର୍ତବ୍ୟ ଅଟେ । ଏବଂ ଜଣେ ବ୍ୟକ୍ତି ନିମନ୍ତେ ଏହା ମଧ୍ୟ କର୍ତବ୍ୟ ସେ ଅନ୍ୟ ଭାଇମାନଙ୍କର କାର୍ଯ୍ୟରେ

*ଅବଶିଷ୍ଟାଂଶ ପୃଷ୍ଠା-୬ ରେ ଦେଖନ୍ତୁ.......*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of the Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan